NOVEMBER 03, 2026
TUESDAY, BHUBANESWAR

ନଭେମ୍ବର ୦୩, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

VOLUME - 2 ● ISSUE- 58 ବର୍ଷ- ୨ ● ସଂଖ୍ୟା- ୫୮ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଓଡ଼ିଶା ରାଜ୍ୟପାଳ ବ୍ରଜ ମୋହନ ରାମଙ୍କ ସୌଜନ୍ୟମୂଳକ ସାକ୍ଷାତ।

ଆନ୍ଧ୍ର ଉପକୂଳ ମୁହାଁ ବାତ୍ୟା 'ମୁରାସୁ'

୧୧୦ କିମି ବେଗରେ ବହିପାରେ ପବନ | ରାତି ସୁଦ୍ଧା ସ୍ଥଳଭାଗ ଛୁଇଁବା ଆଶଙ୍କା

ଭୁବନେଶ୍ୱର, ୨/୧୧: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ମୁରାସୁ' ଧୀରେ ଧୀରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେଉଛି। ସୋମବାର ରାତିରୁ ମଙ୍ଗଳବାର ଭୋର ମଧ୍ୟରେ ଏହା ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବାର ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ନପଡ଼ିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟର ଦକ୍ଷିଣ ଭାଗର ୫ଟି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି।

- ଓଡ଼ିଶାର ୫ ଦକ୍ଷିଣ ଜିଲ୍ଲାକୁ ପ୍ରବଳ ବର୍ଷା ଆଲର୍ଟ
- ୪ ଯାଏଁ ସମୁଦ୍ର ମନା
- ନେଲୋର-ନରସାପୁର ମଧ୍ୟରେ ଅତିକ୍ରମ କରିବ ସାଇକ୍ଲୋନ୍
- ଓଡ଼ିଶାରେ ସିଧାସଳଖ ପ୍ରଭାବ ନାହିଁ, ବର୍ଷା ଓ ଘଡ଼ଘଡ଼ି ସମ୍ଭାବନା



ପାଣିପାଗ ବିଭାଗର ସୂଚନା ଅନୁସାରେ, ବାତ୍ୟା 'ମୁରାସୁ' ବର୍ତ୍ତମାନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିଛି। ଗତ ୬ ଘଣ୍ଟା ମଧ୍ୟରେ ଏହା ଘଣ୍ଟାପ୍ରତି ୨୨ କିଲୋମିଟର ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଆନ୍ଧ୍ରପ୍ରଦେଶର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳରେ ଏହା ସ୍ଥଳଭାଗ ଅତିକ୍ରମ କରିପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ କହିବା ଅନୁଯାୟୀ, ନଭେମ୍ବର ୨ ତାରିଖ ରାତି ୧୧ଟା ୩୦ରୁ ନଭେମ୍ବର ୩ ତାରିଖ ଭୋର ୪ଟା ମଧ୍ୟରେ ବାତ୍ୟାଟି ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିପାରେ। ଝଟକା ପବନର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ। ସ୍ଥଳଭାଗ ଅତିକ୍ରମ ପରେ ବାତ୍ୟା ଧୀରେ ☞ପୃଷ୍ଠା-୨

ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀ ଗସ୍ତ

ବନ୍ୟା ସ୍ଥିତି ନେଇ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ କରିବେ ଆଲୋଚନା

ଭୁବନେଶ୍ୱର, ୦୨/୧୧ : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେ ରାଜଧାନୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ନୂଆଦିଲ୍ଲୀରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେବେ। ଏଥିସହିତ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ତାଙ୍କ ସହ ଉପସ୍ଥିତ ରହିବେ। ରାଜ୍ୟରେ ସବୁଜ ଶକ୍ତିର ବିକାଶ ଓ ପୁଞ୍ଜିନିବେଶକୁ ନେଇ ଏଠାରେ ଆଲୋଚନା ହେବାର ସମ୍ଭାବନା ରହିଛି।



- ଅକ୍ଷୟ ଶକ୍ତି ସମ୍ମିଳନୀରେ ହେବେ ସାମିଲ
- କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର ରହିଛି କାର୍ଯ୍ୟକ୍ରମ
- ସବୁଜ ଶକ୍ତି ଓ ବନ୍ୟା ସ୍ଥିତି ହେବ ପ୍ରମୁଖ ଏଜେଣ୍ଡା
- ରିଲିଫ୍ ଓ ପୁନରୁଦ୍ଧାର ପାଇଁ ସହାୟତା ଉପରେ ଗୁରୁତ୍ୱ

ବନ୍ୟା ସ୍ଥିତି ସମୀକ୍ଷା ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା: ରାଜ୍ୟର ସାମ୍ପ୍ରତିକ ବନ୍ୟା ପରିସ୍ଥିତି ତଥା କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟର ବିଭିନ୍ନ ବିକାଶମୂଳକ ଯୋଜନା ଓ ଦାବି ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ସହିତ ଆଲୋଚନା କରିବେ। ଏଥିସହ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ କେନ୍ଦ୍ରୀୟ ସହାୟତା ଉପରେ ମଧ୍ୟ ଚର୍ଚ୍ଚା ହେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନିଆ ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ କେତେକ

ଆସିକା ସହରାଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ

ଭୁବନେଶ୍ୱର/ବ୍ରହ୍ମପୁର, ୦୨/୧୧ : ବାତ୍ୟା 'ଅର୍ଣ୍ଣବ' ଏବଂ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ବନ୍ୟା ପରିସ୍ଥିତି ପରେ ଗଞ୍ଜାମ ଜିଲ୍ଲାର ଆସିକା ସହରାଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃସ୍ଥାପିତ ହୋଇଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଭିତ୍ତିଭୂମିର ମରାମତି କରି ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ପୁନରୁଦ୍ଧାର ଟିମ୍ ଅବିରତ କାର୍ଯ୍ୟ କରିଛନ୍ତି। ଆସିକାରେ ବ୍ୟାପକ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା, ଯାହାଫଳରେ ଅନେକ ଆବାସିକ ଅଞ୍ଚଳ, ବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରଭାବିତ ହୋଇଥିଲା। ବନ୍ୟା ଜଳ, କାଦୁଅ ଓ ☞ପୃଷ୍ଠା-୨

ପୁନରୁଦ୍ଧାର କାର୍ଯ୍ୟରେ ୬,୫୦୦ କର୍ମଚାରୀ ନିୟୋଜିତ

ସମ୍ଭାବ୍ୟ ବାତ୍ୟା 'ମୁରାସୁ' ପାଇଁ ୩ ଓ ୪ ତାରିଖ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ରାୟଗଡ଼ା, ୦୨/୧୧ : ସମ୍ଭାବ୍ୟ ବାତ୍ୟାମୁରାସୁକୁ ଦୃଷ୍ଟିରେ ରଖି ଆଜି ଠାରୁ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକରେ ରହିଥିବା ବଡ଼ନାଳ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଥିବା ବିଭାଗ ସୂଚନା ଦେଇଛି। ସୂଚନାରୁ ଜଣାପଡିଛି ବଡ଼ନାଳ ଜଳଭଣ୍ଡାରରେ ୧.୪୧ କ୍ୟୁମେକ ଜଳ ମିଶୁଥିବା ବେଳେ ସେଥିରୁ ୧୬୯.୪୩୦ କ୍ୟୁସେକ ଜଳ ବଂଶଧାରା ନଦୀରେ ଛଡାଯାଉଛି। ସେହିଭଳି ବଡନାଳର ବିଭିନ୍ନ କେନାଲ ମାଧ୍ୟମରେ ୫.୧୧୧ କ୍ୟୁସେକ ଜଳ ଛଡାଯାଉଛି। ସମୁଦାୟ ୧୭୪.୫୫ କ୍ୟୁମେକ ଜଳ ବଡ଼ନାଳରୁ ନିଷ୍କାସନ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବର୍ତମାନ ବଡ଼ନାଳ ଜଳଭଣ୍ଡାରର କ୍ଷମତା ୧୭୪.୪୬ ମିଟର ରହିଥିବା ବେଳେ ଏହାର କ୍ଷମତା ୧୭୬ମିଟର। ଆସନ୍ତା ଦୁଇଦିନ ମଧ୍ୟରେ ପ୍ରବଳ ବର୍ଷା ଆକଳନ କରାଯାଇଥିବାରୁ ଏହି ଜଳ ନିଷ୍କାସନ ହେଉଛି। ଜଳ ନିଷ୍କାସନ ହେବାରୁ ବଂଶଧାରା ନଦୀରେ ବିପଦ ସୃଷ୍ଟି ହୋଇଛି। ବର୍ତମାନ ବଂଶଧାରାରେ ଜଳସ୍ତର ସତର୍କ ସଂକେତ ତଳେ ରହିଛି। ଭୀଷଣ ବାତ୍ୟା ମୁରାସୁ ଆସିବାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନଭେମ୍ବର ୩ ଓ ୪ ତାରିଖ ୨ଦିନ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୨

ଇଣ୍ଡି ମେଣ୍ଟ ରାଲି ପାଇଁ ଅଢ଼େଇ ଲକ୍ଷ ଦୋକାନ ବନ୍ଦ

୧୦,୦୦୦ କୋଟି କ୍ଷତି ଦାୟୀ କଲା ଦିଲ୍ଲୀ ବ୍ୟବସାୟୀ ସଂଘ

ନୂଆଦିଲ୍ଲୀ, ୦୨/୧୧ : ଦିଲ୍ଲୀର ରାମଲୀଳା ମୈଦାନରେ ରବିବାର ହୋଇଥିବା ଇଣ୍ଡି ମେଣ୍ଟ ରାଲି ଯୋଗୁଁ ଦୀପାବଳି ପୂର୍ବରୁ ଦିଲ୍ଲୀରେ ବ୍ୟବସାୟୀଙ୍କର ବଡ଼ଧରଣର କ୍ଷତି ହୋଇଥିବା ବ୍ୟବସାୟୀ ସଂଘ ବାଣିଜ୍ୟ ଓ ଶିଳ୍ପ ଚାମ୍ବର (ସିଟିଆଇ) ଦାବି କରିଛି। ସିଟିଆଇ ଦାବି ଅନୁଯାୟୀ, ରବିବାର ଦିଲ୍ଲୀରେ ୨୦ରୁ ୨୫ଟି ବଡ଼ ମାର୍କେଟରେ ପାଖାପାଖି ଅଢେଇ ଲକ୍ଷ ଦୋକାନ ବନ୍ଦ ରହିଥିଲା, ଯେଉଁଥିପାଇଁ ପ୍ରାୟ ୧୦,୦୦୦ରୁ ୧୧,୦୦୦ କୋଟି ଟଙ୍କାର କ୍ଷତି ହୋଇଥିବା ଦାବି କରାଯାଇଛି। ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି, ରାଲି ହୋଇଥିବା ଆଖପାଖ ଅଞ୍ଚଳରେ ପ୍ରାୟ ୩ ଲକ୍ଷ ଦୋକାନ ଥିବାବେଳେ ପାଖାପାଖି ୮୦% ଦୋକାନ ବନ୍ଦ ରହିଥିଲା। ଜାତୀୟ ରାଜଧାନୀର ଆଖପାଖ ସହରରୁ ☞ପୃଷ୍ଠା-୨

ଭିଜିଲାନ୍ସ ଜାଲରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ

- ଜମି ଅଧିଗ୍ରହଣ କ୍ଷତିପୂରଣ ଟଙ୍କା ମଞ୍ଜୁର ପାଇଁ ୫ ଲକ୍ଷ ଲାଞ୍ଚ
- ୩.୧୦ଲକ୍ଷଟଙ୍କାଲାଞ୍ଚନେବାବେଳେ ଧରାପଡ଼ିଲେ
- ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ



ସମ୍ବଲପୁର/ଭୁବନେଶ୍ୱର, ୨/୧୧ : ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଅର୍ଥ ମଞ୍ଜୁର କରିବା ସହ ଭବିଷ୍ୟତରେ ଅଧିକ କ୍ଷତିପୂରଣ ଦେବାରେ ସହଯୋଗ କରିବା ଆଳରେ ଲକ୍ଷାଧିକ ଟଙ୍କା ଲାଞ୍ଚ ଦାବି କରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ସରକାରୀ ଅଧିକାରୀ। ସମ୍ବଲପୁର-ତାଳଚେର ରେଳପଥ ଦୋହରୀକରଣ ପ୍ରକଳ୍ପର ସତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡ଼ନାୟକ ଙ୍କୁ ୩ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ଭିଜିଲାନ୍ସ ଟିମ୍ ଧରିଛି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ବାବଦରେ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଅଧିକାରୀ ଜଣକ ୫ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାସହ ଆଗାମୀ ତୃତୀୟ ରେଳପଥ ପ୍ରକଳ୍ପରେ ଜମି ଅଧିଗ୍ରହଣ ସମୟରେ ଅନୁକୂଳ ସହଯୋଗ କରିବାକୁ ମଧ୍ୟ ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଅଧିକାରୀ ଜଣକ ଗତ ଅକ୍ଟୋବର ୨୭ ☞ପୃଷ୍ଠା-୨

ପରପାରିରେ ଡ଼ ଅଶୋକ କୁମାର ମହାପାତ୍ର



ଭୁବନେଶ୍ୱର, ୦୨/୧୧ : ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ରଙ୍କ ରାତି ୯ଟା ୧୫ ମିନିଟ୍‌ରେ ୭୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ ବର୍ଷ ବୟସରେ ପରଲୋକ କରିଛନ୍ତି। ୨୦୧୭ରେ ଯୋଡ଼ା ମୁଣ୍ଡ ଶିଶୁଙ୍କ ଅସ୍ତ୍ରୋପଚାର କରି ଚର୍ଚ୍ଚାକୁ ଆସିଥିଲେ। ସେ ଏମ୍ସ, ନୂଆଦିଲ୍ଲୀର ସ୍ନାୟୁବିଜ୍ଞାନ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।

କେନ୍ଦ୍ର ପରିବହନ ମନ୍ତ୍ରଣାଳୟର ବଡ଼ ପଦକ୍ଷେପ / ୨ ଲକ୍ଷ ଗାଡ଼ିର ପଞ୍ଜୀକରଣ ରଦ୍ଦ

ଭୁବନେଶ୍ୱର, ୦୨/୧୧ : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିୟମ ଉଲ୍ଲଂଘନ ତଥା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁନଥିବା ଗାଡ଼ିଗୁଡ଼ିକ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଗୋଟିଏ ଦିନରେ ଓଡ଼ିଶାର ପ୍ରାୟ ୨ ଲକ୍ଷ ଗାଡ଼ିର ପଞ୍ଜୀକରଣ (ରେଜିଷ୍ଟ୍ରେସନ) ବାତିଲ କରାଯାଇଛି। ପୁରୁଣା ତଥା ଫିଟନେସ ନଥିବା ଗାଡ଼ି: ୧୫ ବର୍ଷରୁ ଅଧିକ ପୁରୁଣା ☞ପୃଷ୍ଠା-୨





'ମୁରାସୁ' ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

ଭୟଭୀତ ନ ହୋଇ ସଚେତନ ରହିବାକୁ ନିବେଦନ



- ଗଞ୍ଜାମ, ଗଜପତି ଓ କନ୍ଧମାଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ପୁନରୁଦ୍ଧାର କାର୍ଯ୍ୟ
- ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ୯୯% ବିଦ୍ୟୁତ୍ ସେବା ସ୍ୱାଭାବିକ
- କ୍ଷୟକ୍ଷତି ଆକଳନ ପାଇଁ ଆସୁଛି କେନ୍ଦ୍ରୀୟ ଟିମ୍
- ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା ଉପରେ ବିଶେଷ ନଜର

ଭୁବନେଶ୍ୱର, ୨/୧୧ : ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜୀବ ଭବନ ସ୍ଥିତ ସତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଗାମୀ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ସମ୍ଭାବ୍ୟ ଆଉ ଏକ ବାତ୍ୟା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି, ଭୟଭୀତ ନ ହୋଇ ସଚେତନ ରହିବାକୁ ମନ୍ତ୍ରୀ ମଧ୍ୟ ପରାମର୍ଶ ଦେଇଛନ୍ତି।

ଆଗାମୀ ବାତ୍ୟା 'ମୁରାସୁ' ଗଭୀର (ଅବପାତ) ହୋଇ ବଙ୍ଗୋପସାଗରରେ ନେଲୋର ଠାରୁ ୧୬୦ କିମି, ତାମିଲନାଡୁର ଚେନ୍ନାଇ ଠାରୁ ୧୮୦ କିମି, କାଭେଲିରୁ ୧୮୦ କିମି, ଓଙ୍ଗୋଲରୁ ୨୧୦ କିମି ଏବଂ ମଛଲିପାଟନମରୁ ୨୪୦ କିମି ଦୂରରେ ରହିଛି। ☞ପୃଷ୍ଠା-୨





ମଙ୍ଗଳବାର ୦୩।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଆନ୍ଧ୍ର ଉପକୂଳ ମୁହାଁ...

ଧୀରେ ଦୁର୍ବଳ ହେବାର ଆକଳନ କରାଯାଇଛି । ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶାରେ ନଥିଲେ ମଧ୍ୟ ଏହାର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇପାରେ। ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ୭ରୁ ୧୨ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି । ଏହାସହ ବର୍ଷା ସମୟରେ ବିଜୁଳି ଓ ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ଝଟକା ପବନ ବହିପାରେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି । ବାତ୍ୟାକୁ ଦୃଷ୍ଟିରେ ରଖି ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସତର୍କତା ଜାରି ହୋଇଛି । ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ରାଜ୍ୟର ବନ୍ଦରଗୁଡ଼ିକ ପାଇଁ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ (LC-3) ଜାରି କରାଯାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ନଭେମ୍ବର ୫ ତାରିଖରୁ ଓଡ଼ିଶାରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବ । ଏହାପରେ ରାଜ୍ୟରେ କୌଣସି ପାଣିପାଗ ଚେତାବନୀ ରହିବ ନାହିଁ । ବାତ୍ୟାର ପ୍ରଭାବ ଆନ୍ଧ୍ର ଉପକୂଳରେ ଅଧିକ ରହିବାକୁ ଥିବାବେଳେ ଓଡ଼ିଶାର ଦକ୍ଷିଣ ଜିଲ୍ଲାଗୁଡ଼ିକରେ ବର୍ଷା ଓ ପବନକୁ ନେଇ ସତର୍କ ରହିବା ଜରୁରୀ ।

ଆସିକା ସହରାଞ୍ଚଳରେ ବିଦ୍ୟୁତ୍...

ଆବର୍ଜନା ଜମି ରହିବା ସହ ବିଦ୍ୟୁତ୍ ଭିତ୍ତିଭୂମିର କ୍ଷତି ପୁନରୁଦ୍ଧାର ଟିମ୍ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା । ସମସ୍ତ ସୁରକ୍ଷା ନିୟମ ପାଳନ କରି ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ନିଜର ଆଠଟି ଜିଲ୍ଲା ସେବା ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଟିପିଏସଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ପ୍ରାୟ ୬,୫୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟବଳରେ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, ଅନ୍ୟାନ୍ୟ କର୍ମଚାରୀ ଏବଂ କୁଶଳୀ ଓ ଅକୁଶଳୀ ପ୍ରକଳ୍ପ କର୍ମଚାରୀ ସାମିଲ ଅଛନ୍ତି । ଏହି ପୁନରୁଦ୍ଧାର କାର୍ଯ୍ୟ ପ୍ରାୟ ୪୦୦ଟି ଯାନବାହନ, ୬ଟି ମୋବାଇଲ୍ ଡିସ୍ତ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାଞ୍ଜିଟ୍ ଷ୍ଟୋର୍ ଦ୍ୱାରା ପରିଚାଳିତ ହେଉଛି, ଯାହା ପ୍ରଭାବିତ ଅଞ୍ଚଳଗୁଡ଼ିକୁ କର୍ମଚାରୀ, ଉପକରଣ ଏବଂ ସାମଗ୍ରୀ ପହଞ୍ଚାଇବା ନିଶ୍ଚିତ କରୁଛି । କ୍ଷୟକ୍ଷତିର ଆକଳନ, ଭିତ୍ତିଭୂମି ମରାମତି ଏବଂ ପର୍ଯ୍ୟାୟକ୍ରମେ ବିଦ୍ୟୁତ୍ ସରବରାହ ସାଭାବିକ କରିବା ପାଇଁ ସତନ୍ତ୍ର ଟିମ୍ ବିଭିନ୍ନ ଡିଭିଜନ୍‌ରେ ନିରନ୍ତର କାର୍ଯ୍ୟରତ ଅଛନ୍ତି ।

ସମ୍ଭାବ୍ୟ ବାତ୍ୟା 'ମୁରାସୁ' ପାଇଁ...

କୁହାଯାଇଛି । ସେହିପରି, ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବେ । ଜନସାଧାରଣଙ୍କ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ ଦେଇ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ କୁହାଯାଇଛି ।ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଶିଶୁ ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ସୁରକ୍ଷା ନିମନ୍ତେ ରାୟଗଡ଼ା ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ନଭେମ୍ବର ୩ ଓ ୪ ତାରିଖ ଦୁଇଦିନ ପାଇଁ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସମାଜ ମଙ୍ଗଳ ବିଭାଗକୁ ସୋମବାର ଚିଠି ନମ୍ବର ୫୯୩୪/୨୦୨୬ ମାଧ୍ୟମରେ ଏକ ଆଦେଶ ଜାରି ହୋଇଛି । ଏହି ସମୟ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଓ ଶ୍ରେଣୀ ପାଇଁ ଶିଶୁମାନଙ୍କୁ ଡକାଯିବ ନାହିଁ । ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ନିଜ ନିଜ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କୁ ତୁରନ୍ତ ଏହି ନିର୍ଦ୍ଦେଶ ବିଷୟରେ ଜଣାଇବା ସହ ଏହାର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ କୁହାଯାଇଛି । ତେବେ ବାତ୍ୟା ପରିସ୍ଥିତିରେ ହିତାଧିକାରୀଙ୍କ ପୁଷ୍ଟିସାଧନ ଯେପରି ବାଧାପ୍ରାପ୍ତ ନହୁଏ ସେଥିପାଇଁ ଯଥା ସମ୍ଭବ ଶୁଖିଲା ରାସନ ଓ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି । ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ଶିଶୁ, ଅନ୍ୟ ହିତାଧିକାରୀ ତଥା ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ସର୍ବାଧିକ ପ୍ରାଥମିକତା ଦେବାକୁ କୁହାଯାଇଛି । ବାତ୍ୟା ଯୋଗୁଁ ଅଙ୍ଗନବାଡ଼ି କେନ୍ଦ୍ରର କୋଠା କିମ୍ବା ଅନ୍ୟାନ୍ୟ ଭିତ୍ତିଭୂମିର କୌଣସି କ୍ଷୟକ୍ଷତି ହେଲେ ସମ୍ପୃକ୍ତ ସିଡିପିଓ ତୁରନ୍ତ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବେ । କ୍ଷତିଗ୍ରସ୍ତ କୋଠା ଅସୁରକ୍ଷିତ ଥିଲେ ସେଠାରେ କୌଣସି ପ୍ରାକ୍-ବିଦ୍ୟାଳୟ ଶିକ୍ଷା କିମ୍ବା ଶ୍ରେଣୀ କରାଯିବ ନାହିଁ । କୋଠାଟି ବ୍ୟବହାର ଉପଯୋଗୀ ବୋଲି ଘୋଷଣା ନହେବା ପର୍ଯ୍ୟନ୍ତ ଶିକ୍ଷାଦାନ ବନ୍ଦ ରହିବ । ପୁନର୍ବାର ଶିକ୍ଷାଦାନ ଆରମ୍ଭ ପୂର୍ବରୁ ସୁରକ୍ଷିତ ବିକଳ୍ପ ସ୍ଥାନର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ସିଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି ।

ଭିଜିଲାନ୍ସ ଜାଲରେ ସତନ୍ତ୍ର...

ତାରିଖରେ ୨ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ । ଅବଶିଷ୍ଟ ୩ ଲକ୍ଷ ୧୦ ହଜାର ଟଙ୍କା ତୁରନ୍ତ ଦେବାକୁ ଜମି ମାଲିକଙ୍କ ଉପରେ ଚାପ ପକାଇଥିଲେ । ଏପରିକି ଅବଶିଷ୍ଟ ଲାଞ୍ଚ ଟଙ୍କା ନଦେଲେ ଭବିଷ୍ୟତରେ ତୃତୀୟ ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ ସମୟରେ ସମସ୍ୟା ସୃଷ୍ଟି କରିବାକୁ ଧମକ ଦେଇଥିବା ଅଭିଯୋଗ ରହିଛି । ଏହି ଘଟଣାରେ ଅତିଷ୍ଠ ହୋଇ ଜମି ମାଲିକ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଆଧାରରେ ଯୋଜନାବଦ୍ଧ ଭାବେ ଆଜି ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା । ଅଧିକାରୀ ଅଜୟ କୁମାର ଗଡ଼ନାୟକ ଙ୍କୁ ଅବଶିଷ୍ଟ ୩ ଲକ୍ଷ ୧୦ ହଜାର ଟଙ୍କା ଗ୍ରହଣ କରୁଥିବା ସମୟରେ ତାଙ୍କୁ ଧରାଯାଇଥିଲା । ତାଙ୍କ ନିକଟରୁ ସମସ୍ତ ୩ ଲକ୍ଷ ୧୦ ହଜାର ଟଙ୍କା ଜବତ କରାଯାଇଛି । ଅନ୍ୟପକ୍ଷରେ, ଆୟବହିର୍ଭୂତ ସମ୍ପତ୍ତି ଠାବ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଅଧିକାରୀଙ୍କ ସହ ସମ୍ପର୍କିତ ତିନୋଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୨୦, ତାରିଖ ୦୧.୧୧.୨୦୨୬, ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଅଜୟ କୁମାର ଗଡ଼ନାୟକ ଙ୍କ ବିରୋଧରେ ତଦନ୍ତ ଜାରି ରହିଛି । ଭିଜିଲାନ୍ସ ପକ୍ଷରୁ ଘଟଣାର ବିସ୍ତୃତ ତଥ୍ୟ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ ।

ଇଣ୍ଡି ମେଣ୍ଟ ରାଲି ପାଇଁ...

ଗ୍ରାହକ, ଯୋଗାଣକାରୀ ଓ ଡିଲରଙ୍କ ଗତିବିଧି ମଧ୍ୟ ରାଲି ଯୋଗୁ ପ୍ରଭାବିତ ହୋଇଥିଲା । ଗୋୟଲଙ୍କ ଅନୁଯାୟୀ, ବ୍ୟବସାୟ ପାଇଁ ନିୟମିତ ଭାବରେ ଦିଲ୍ଲୀ ଆସୁଥିବା ପ୍ରାୟ ତିନିରୁ ଚାରି ଲକ୍ଷ ଲୋକ ପହଞ୍ଚି ନଥିଲେ, ଟେମ୍ପୋ ଓ ଟ୍ରକ୍ ସମେତ ପ୍ରାୟ ୫୦୦୦ ଯାନ ପୁରୁଣା ଦିଲ୍ଲୀ ଓ କେନ୍ଦ୍ରୀୟ ଦିଲ୍ଲୀର ବଜାରକୁ ସାମଗ୍ରୀ ପରିବହନ କରିପାରି ନଥିଲେ । ଗୋୟଲ ଆହୁରି କହିଛନ୍ତି ଯେ, ବର୍ଷର ସବୁଠାରୁ ବ୍ୟସ୍ତବହୁଳ ସମୟରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା, ଯାହା ଫଳରେ ପାଇକାରୀ ଓ ଖୁଚୁରା ବ୍ୟବସାୟ ପ୍ରଭାବିତ ହୋଇଥିଲା । ବ୍ୟବସାୟୀଙ୍କର ହୋଇଥିବା କ୍ଷତିର ଭରଣା କିଏ କରିବ, ଆୟୋଜକ ଏହା ଭରଣା କରିବେ କି ବୋଲି ଗୋୟଲ ପ୍ରଶ୍ନ କରିଛନ୍ତି । ଆଗକୁ ଧନତେରସ୍ ଓ ଦୀପାବଳି ଥିବା ଯୋଗୁ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି ।

୨ ଲକ୍ଷ ଗାଡ଼ିର ପଞ୍ଜୀକରଣ...

ହୋଇଥିବା ଏବଂ ବୈଧ ଫିଟନେସ ପ୍ରମାଣପତ୍ର ନଥିବା ଯାନବାହାନ ବିରୋଧରେ ଏହି ପଦକ୍ଷେପ ନିଆଯାଇଛି ।

ସଡ଼କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ସ୍କ୍ରାପେଜ୍ ନୀତି ଅନୁଯାୟୀ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି । ବହୁ ସମୟ ଧରି ଟ୍ୟାକ୍ସ ବକେୟା ଥିବା, ଇନ୍ସୁରାନ୍ସ ନଥିବା କିମ୍ବା ଡିଜିଟାଲ୍ ଡାଟାବେସ୍‌ରେ ଅପଡେଟ୍ ହୋଇନଥିବା ଗାଡ଼ିଗୁଡ଼ିକର ତାଲିକା ପ୍ରସ୍ତୁତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଯେଉଁ ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରାଯାଇଛି, ସେଗୁଡ଼ିକୁ ରାସ୍ତାରେ ଚଲାଇବା ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରାଯାଇଛି । ଯଦି କୌଣସି ବ୍ୟକ୍ତି ବାତିଲ ହୋଇଥିବା ଗାଡ଼ି ଚଲାଉଥିବାର ଧରାପଡ଼ନ୍ତି, ତେବେ ମୋଟର ଯାନ ଆଇନ ଅନୁଯାୟୀ ମୋଟା ଅଙ୍କର ଜରିମାନା କିମ୍ବା ଗାଡ଼ି ଜବତ ଭଳି ଦଣ୍ଡବିଧାନ ହୋଇପାରେ । ଏହି ନିଷ୍ପତ୍ତି ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସମସ୍ତ ଗାଡ଼ି ମାଲିକମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ଦସ୍ତାବିଜ, ଫିଟନେସ ସାର୍ଟିଫିକେଟ୍ ଓ ଟ୍ୟାକ୍ସ ସମୟ ମୁତାବକ ନବୀକରଣ କରିବାକୁ ପରାମର୍ଶ ଦିଆଯାଇଛି ।

'ମୁରାସୁ' ପାଇଁ ସରକାର...

ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୦୦ ରୁ ୧୧୦ କିମି ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ପୁରୀ ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି ।

ଅର୍ଣ୍ଣବ' ବାତ୍ୟା ଏବଂ ଏହାର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତିଘଟାଇଛି । ବିଶେଷକରି ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ଏହି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛନ୍ତି।, ଏହି ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଞ୍ଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି । ସେହିପରି ୨୩ଟି ସହରାଞ୍ଚଳର ୩୦୭ଟି ୱାର୍ଡର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଜନସଂଖ୍ୟା: ସମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ,ପ୍ରଭାବିତ ଅଞ୍ଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ବିପର୍ଯ୍ୟୟରେ ଗଞ୍ଜାମ ୩ ଜଣ ବ୍ୟକ୍ତିଙ୍କର ଜୀବନହାନି ହୋଇଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସହାୟତା ଯାଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରିଲିଫ୍ କ୍ୟାମ୍ପଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଯଥା ଚାଉଳ, ଚୁଡ଼ା, ଗୁଡ଼ ଏବଂ ଗୋ-ଖାଦ୍ୟ ବଣ୍ଟନ କରାଯାଉଛି । ଏହା ସହିତ ପ୍ରଭାବିତମାନଙ୍କୁ ୫,୪୫୮ଟି ପଲିଥିନ୍ ସିଟ୍ ମଧ୍ୟ ଯାଗାଇ ଦିଆଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ଚଲିଛି । ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ନିୟନ୍ତ୍ରଣ କକ୍ଷ ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ ଘଣ୍ଟା (୨୪/୭) ସକ୍ରିୟ ରଖାଯାଇଛି । ରାସ୍ତାଘାଟଗୁଡ଼ିକୁ ଯାନବାହନ ଚଳାଚଳ ପାଇଁ ଉପଯୁକ୍ତ କରିବାକୁ ସମସ୍ତ କର୍ମଚାରୀ, ସାମଗ୍ରୀ ଏବଂ ଯନ୍ତ୍ରପାତି ନିୟୋଜିତ କରାଯାଇଛି । ଗଞ୍ଜାମ ଜିଲ୍ଲା:କୁକୁଡାଖଣ୍ଡି ଓ ପାଡ଼ୁପୁର ବ୍ଲକର ୧୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି । ଭଞ୍ଜନଗରରେ ରାସ୍ତା ଉପରେ ଭୂସ୍ଖଳନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି । ୧୪ଟି ବ୍ଲକରେ ମୋଟ ୧୨୪ଟି ରାସ୍ତା ଫାଟ ବନ୍ଦ କରାଯାଇଥିବାବେଳେ ୪୨ଟି ସ୍ଥାନରେ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି । ୧୪ଟି ବ୍ଲକର ୧୮୬ଟି କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ଭୂସ୍ଖଳନ ଅବସ୍ଥା ସଫା କରାଯାଇଛି । ପାଣି ମାଡ଼ିଯିବା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାନବାହନ ଚଳାଚଳ ସାଭାବିକ ହୋଇଛି । ୩ଟି ବ୍ଲକରେ ପ୍ରଭାବିତ ୧୧ଟି କ୍ଷତିଗ୍ରସ୍ତ ରାସ୍ତା ମରାମତି କରାଯାଇଛି । ଗୋଷାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । କନ୍ଧମାଳ ଜିଲ୍ଲାର ୩ଟି ବ୍ଲକ ୩୧ଟି ରାସ୍ତା ଫାଟ ମଧ୍ୟରୁ ୧୫ଟି ବନ୍ଦ ହୋଇସାରିଥିବାବେଳେ ୧୬ଟି ନିର୍ମାଣାଧିନ ଅଛି । ୩ଟି ବ୍ଲକର ୭ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଛି ଏବଂ ୩୧ଟିର କାମ ଚାଲିଛି । ରାୟଗଡ଼ା ଜିଲ୍ଲା:ଗୁଣୁପୁରରେ ଭୂସ୍ଖଳନ ଯୋଗୁଁ ରାସ୍ତା ଉପରେ ୧୫ଟି ସ୍ଥାନରେ ଜମିଥିବା ଆବର୍ଜନା ଓ ମାଟି ବାଧକକୁ ସଫା କରାଯାଇଛି । ଡାଏରିଆ, ମଲେରିଆ, ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା 'ରାପିଡ୍ ରେସପନ୍ସ ଟିମ୍' ଏବଂ ମୋବାଇଲ୍ ହେଲ୍‌ଥ ଟିମ୍ ନିୟୋଜିତ କରାଯାଇଛି । ଆସୁଥିବା ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।ସୁରକ୍ଷା ବାହିନୀ: ଗଞ୍ଜାମ ଜିଲ୍ଲାରେ ୩୨ଟି ଓଡ୍ରାଫ୍ ଏବଂ ୩ଟି ଏନଡିଆରଏଫ୍ ଟିମ୍ (ମୋଟ ୩୫ଟି ଟିମ୍) ମୁତୟନ ଅଛନ୍ତି । ଗଜପତି ରେ ୯ ଟି ଓଡ୍ରାଫ୍ ,୧ ଟି ଭୟକ୍ସଲ ଏହାଛଡ଼ା ରାୟଗଡ଼ାଏ ଟି ,ଓଡ୍ରାଫ,୧ ଟି NDRF, କୋ ରାପୁଟ, ରେ ୩ ଟି, ୧ ଟି NDRF ମାଲକାନଗିରି, ରେ ୩ ଟି, ୧ ଟି NDRF କନ୍ଧମାଳ ରେ ୪ ଟି ଓଡ୍ରାଫ୍, ୨ ଟି NDRF, ଓ ନବରଙ୍ଗପୁରରେ ୩ଟି ଟିମ୍ ନିୟୋଜିତ କରାଯାଇଛି । କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଆସି ପହଞ୍ଚୁଛନ୍ତି । ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିବେ । ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ: ଲୋକମାନଙ୍କୁ ସୁରକ୍ଷିତ ରିଲିଫ୍ ସେଣ୍ଟର, ନିକଟସ୍ଥ ସ୍କୁଲ୍, କଲେଜ କିମ୍ବା ଚାଲିଯିବାକୁ ନିବେଦନ କରାଯାଇଛି । ଆଶା ଓ ଆଙ୍ଗନବାଡ଼ି କର୍ମୀମାନେ ଲୋକଙ୍କୁ ସଚେତନ କରୁଛନ୍ତି । ମନ୍ତ୍ରୀ କହିଛନ୍ତି ଯେ,ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି ଏବଂ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହି ଦ୍ୱିତୀୟ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ କମ୍ ପଡ଼ିବ ବୋଲି ଆଶା କରାଯାଉଛି ।

ଡିଗ୍ରୀ କଲେଜରେ 'ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ' ଅନୁଷ୍ଠିତ

କୁଚିଣ୍ଡା / ଜମନକିରା, ୦୨/୧୧ (ଚତୁର୍ଭୁଜ ଜୟପୁରିଆ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ଠାରେ ୨ ନଭେମ୍ବର ସ୍ଥାନୀୟ ଜମନକିରା ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ୍ ଆନୁକୂଲ୍ୟରେ ଏକ ବିଶାଳ 'ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନର ଭୟାବହ କୁପରିଣାମ ବିଷୟରେ ସଚେତନ କରି ଏକ ସୁସ୍ଥ ଓ ଆଦର୍ଶ ସମାଜ ଗଠନ କରିବା ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ ଥିଲା । କଲେଜର ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଦେବକୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେ

ନିଗମାନନ୍ଦ ସାହୁଙ୍କୁ ଅଷ୍ଟଶମ୍ଭୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ



କାମାକ୍ଷାନଗର, ୨/୧୧(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ କୁଆଲୋସ୍ଥିତ ଅଷ୍ଟଶମ୍ଭୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି ନିଗମାନନ୍ଦ ସାହୁ। ସେ କାମାକ୍ଷାନଗରସ୍ଥିତ ନିଗମାନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟରତ ଅଧକ୍ଷ ଅଛନ୍ତି ।ପ୍ରାପ୍ତ ସୂଚନା ଅନୁଯାୟୀ, ଅଷ୍ଟଶମ୍ଭୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ଶତପଥୀ ଗତ ଅକ୍ଟୋବର ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଅବସର ପରେ ଖାଲି ପଡ଼ିଥିବା ପଦବୀରେ ନିଗମାନନ୍ଦ ସାହୁଙ୍କୁ ଅଧକ୍ଷ ଓ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ଚିଠି ନମ୍ବର ୬୬୬୩, ତାରିଖ ୨୭.୧୦.୨୦୨୬ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି ହୋଇଛି ।ଦୁଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦାୟିତ୍ୱକୁ ସମାନ ଗୁରୁତ୍ୱ ଦେଇ ସୁଚାରୁ ରୂପେ ପରିଚାଳନା କରିବା ସହ ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। କାମାକ୍ଷାନଗର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଦୀର୍ଘ ବର୍ଷ ଧରି ଦକ୍ଷତାର ସହ ପରିଚାଳନା କରି ଆସୁଥିବା ନିଗମାନନ୍ଦଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ଉଭୟ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଝାରଦାରେ ମହାଲକ୍ଷ୍ମୀ ପୂଜା ଅବସରରେ ମଞ୍ଚସ୍ଥ ହେଲା ସାମାଜିକ ନାଟକ 'କେତେ ଦୁଃଖ ଦେବୁ କହ ଦଇବ' ଓଡ଼ିଆ ଅସ୍ମିତା, ଐତିହ୍ୟ ଓ ପରମ୍ପରାର ବାର୍ତ୍ତା ବାଣ୍ଟିଲେ ଗ୍ରାମର କଳାକାର

ଗଁଦିଆ, ୨/୧୧(ବେତୁଜୀ ପ୍ରସାଦ): ଓଡ଼ିଆ ଅସ୍ମିତା, ଐତିହ୍ୟ ଓ ପରମ୍ପରାର ଅନନ୍ୟ ପରିଚୟ ବହନ କରୁଛି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାରଦା ଗ୍ରାମ। ଗ୍ରାମର ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଗିରିଧାରୀ ଗୋସାଇଙ୍କ ଆଶୀର୍ବାଦ ଓ ସାନିଧରେ ଦୀର୍ଘ ଛଅ ଦଶନ୍ଧି ଧରି ମହାଲକ୍ଷ୍ମୀ ପୂଜାକୁ ଏକ ନିଆରା ପରମ୍ପରା ଭାବେ ପାଳନ କରିଆସୁଛନ୍ତି ଗ୍ରାମବାସୀ। ଏହି ପରମ୍ପରାକୁ ଆହୁରି ଜୀବନ୍ତ ଓ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ନଭେମ୍ବର ୧ ତାରିଖ ରାତିରେ ମଞ୍ଚସ୍ଥ ହୋଇଥିଲା ଏକ ହୃଦୟସ୍ପର୍ଶୀ ସାମାଜିକ ଓ ପାରିବାରିକ ନାଟକ 'କେତେ ଦୁଃଖ ଦେବୁ କହ ଦଇବ'। ନାଟ୍ୟକାର ନବୀନ ମହାପାତ୍ରଙ୍କ ରଚିତ ଏହି ନାଟକକୁ ଦେଖିବା ପାଇଁ ଏକତ୍ରିତ ହୋଇଥିଲେ ସହସ୍ରାଧିକ ଦର୍ଶକ। ଢେଙ୍କାନାଳ ମାଟିର ସୁପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ସତ୍ୟବାଦୀ ସେନାପତି ଓ ଗୋବର୍ଦ୍ଧନ ନାୟକଙ୍କ ଯୁଗ୍ମ ନିର୍ଦ୍ଦେଶନାରେ ନାଟକଟି ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ପ୍ରକୃତି ବନ୍ଧୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହରିହର



ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତ କୁମାର ଓଝା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସତ୍ୟବାଦୀ ସେନାପତି, ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ବିଶ୍ୱଜିତ୍ ସାହୁ, ଝାରଦା ଗ୍ରାମ ସଂଗଠନର ସଭାପତି ଗୋବର୍ଦ୍ଧନ ନାୟକ, ଯୁବ ସମାଜସେବୀ ଚନ୍ଦନ କୁମାର ଗୁରୁ, ମନୋଜ କୁମାର ନାୟକ (ଚାଚା), ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ସଭାପତି ସରୋଜ ଦଳେଇ ଓ ପୂର୍ବତନ ସଭାପତି ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଗ୍ରାମର ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ସୁରକ୍ଷାରେ ନାଟକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଏଭଳି ସାଂସ୍କୃତିକ ଆୟୋଜନ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା, ଏକତା ଓ ସାମାଜିକ ସଦ୍‌ଭାବନାକୁ ଆହୁରି ସୁଦୃଢ଼ କରୁଥିବା ସେମାନେ କହିଥିଲେ। ନାଟକରେ ଝାରଦା ଗ୍ରାମର ଅଜୟ, ବୁନୁ, ଲକ୍ଷ୍ମଣ, ବ୍ରଜ, ପ୍ରକାଶ, ରାଜେଶ, ସମ୍ବିତ, ଦିଗା, ଯୁଗଳ, ସଂଗ୍ରାମ, ପ୍ରଶାନ୍ତଙ୍କ ସମେତ ବହୁ କଳାକାର ନିଜ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିଲେ। ସେହିପରି ଦିପୁ, ପିଣ୍ଟୁ, କାଇନଙ୍କ ସମେତ ଅନେକ ସହଯୋଗୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିନାୟକ ମହାନ୍ତି ସୁନ୍ଦର ଭାବେ ସଂଯୋଜନା କରିଥିଲେ। ତେବେ ଆସନ୍ତା ନଭେମ୍ବର ୨ ତାରିଖ ସନ୍ଧ୍ୟାରେ ମା' ମହାଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ପରମ୍ପରାକୁ ପ୍ରାଣବନ୍ତ କରିବା ସହ ଗାଁର କଳା ଓ କଳାକାରଙ୍କୁ ଉଚିତ ମଞ୍ଚ ଦେଇ ଝାରଦା ଗ୍ରାମ ପୁଣିଥରେ ପ୍ରମାଣିତ କରିଛି ଯେ, ଗାଁର ମାଟିରେ ହିଁ ଲୁଚି ରହିଛି ଓଡ଼ିଆ ସଂସ୍କୃତିର ପ୍ରକୃତ ପରିଚୟ।

ମର୍ମସ୍ପର୍ଶୀ ଅଗ୍ନିକାଣ୍ଡ, ୩ ଚାଳଘର ଜଳିପୋଡ଼ି ପାଉଁଶ ଅଳ୍ପକେ ବର୍ତ୍ତିଲେ ତିନି ପରିବାର



ଗଁଦିଆ ୨/୧୧(ବେତୁଜୀ ପ୍ରସାଦ): ଆଖି ପିଛୁଳାକେ ସବୁକିଛି ସ୍ୱପ୍ନ ପରି ମିଳେଇଗଲା। ପିନ୍ଧିବାକୁ ଖଣ୍ଡେ ବସ୍ତ୍ର କି ଖାଇବାକୁ ମୁଠାଏ ଦାନା ବି ବଞ୍ଚିଲାନାହିଁ। କେବଳ ଠାକୁରଙ୍କ ଅପାର କରୁଣାରୁ ମୂଲ୍ୟବାନ ଜୀବନଗୁଡ଼ିକ ବର୍ତ୍ତିଗଲା। ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ସୋରିଷିଆପଦା ପଞ୍ଚାୟତର ସରତେନ୍ତୁଳି ଗ୍ରାମରେ ଆଜି ଭୋର୍ ପ୍ରାୟ ୨ ଘଟିକା ସମୟରେ ଏଭଳି ଏକ ଅତ୍ୟନ୍ତ ମର୍ମସ୍ପର୍ଶୀ ତଥା ହୃଦୟବିଦାରକ ଅଗ୍ନିକାଣ୍ଡ ଘଟିଯାଇଛି। ପ୍ରାପ୍ତ ସୂଚନା ମୁତାବକ, ରାତିର ନୀରବତା ଭିତରେ ହଠାତ୍ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଗ୍ରାମର ବିନୟ ବେହେରା, ଫକିର ବେହେରା ଓ ନକୁଳ ବେହେରାଙ୍କ ବାସଗୃହ ଚାଳଘରରେ ନିଆଁ ଲାଗିଯାଇଥିଲା। ଶୁଖିଲା ଚାଳଘର ହୋଇଥିବାରୁ ମୁହୂର୍ତ୍ତକ ମଧ୍ୟରେ ନିଆଁ ହୁତୁହୁତୁ ହୋଇ ଚାରିଆଡ଼େ ବ୍ୟାପିଯାଇଥିଲା। ତେବେ ଭାଗ୍ୟବଶତଃ ଘର ଭିତରେ ଶୋଇଥିବା ଲୋକମାନେ ସମୟୋଚିତ ଭାବେ ସତର୍କ ହୋଇଯିବାରୁ ସପରିବାର ଘରୁ ବାହାରକୁ ଆସିପାରିଥିଲେ। ଯାହାଫଳରେ ଏକ ବଡ଼ଧରଣର ଜୀବନହାନି ଘଟିବାରୁ ଅଳ୍ପକେ ବର୍ତ୍ତିଯାଇଛି। ଘଟଣାସ୍ଥଳରେ ହାତୀ ଉପରେ ପ୍ରହରା ଦେଉଥିବା ହାତୀ ସ୍କାର୍ଡ କର୍ମଚାରୀ (ଦିପୁ) ଓ ସହଯୋଗୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ନିଆଁ ଆୟତ କରିବାକୁ ଚେଷ୍ଟା କରିଥିଲେ।ଏଥିସହ ସେମାନେ ସ୍ଥାନୀୟ ସରପଞ୍ଚ ଏବଂ ଗଁଦିଆ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ଖବର ପାଇବାକ୍ଷଣି ଗଁଦିଆ ଅଗ୍ନିଶମ ବାହିନୀ ଅଧିକାରୀ ଦିଲ୍ଲୀପ କୁମାର ଦାସ ନିଜର ସ୍ୱତନ୍ତ୍ର ଟିମ୍ ସହିତ କାଳବିଳମ୍ବ ନକରି ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। ଅନ୍ୟପକ୍ଷରେ, ଖବର ପାଇବାମାତ୍ରେ ସ୍ଥାନୀୟ ସରପଞ୍ଚ ପ୍ରଦିପ କୁମାର ରାଉତ ଘଟଣାସ୍ଥଳରେ ଛୁଟିଯାଇ ସର୍ବହରା ହୋଇପଡ଼ିଥିବା ପରିବାରଗୁଡ଼ିକୁ ଭେଟି ଗଭୀର ସମବେଦନା ଓ ସାନ୍ତ୍ୱନା ଜଣାଇବା ସହ ଶୁଖିଲା ଖାଦ୍ୟ ଓ ଜରୁରୀ ସହଯୋଗ ଯୋଗାଇ ଦେଇଥିଲେ। ସେ ଅଗ୍ନିଶମ ବାହିନୀର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଏବଂ ହାତୀ ସ୍କାର୍ଡ କର୍ମଚାରୀ (ଦିପୁ)ଙ୍କୁ ସେମାନଙ୍କର ସାହସିକତା ଓ ତତ୍ପରତା ପାଇଁ ସାଧୁବାଦ ଜଣାଇଛନ୍ତି। ଏହି ଦୁର୍ଘଟଣାରେ ତିନୋଟି ପରିବାରର ତିନି ବଖରା ଚାଳଘର ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ପୁଙ୍ଖାନୁପୁଙ୍ଖ ଅନୁଧାନ ଓ ତଦନ୍ତ କରିଛନ୍ତି। ଏହି ମର୍ମସ୍ପର୍ଶୀ ଦୁର୍ଘଟଣା ପରେ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଶୀଘ୍ର ଉଚିତ୍ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଜିଲ୍ଲାସ୍ତରୀୟ ଭଲିବଲ ଓ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ

ଗଁଦିଆ, ୨/୧୧ (ବେତୁଜୀ ପ୍ରସାଦ): ଖେଳ ହେଉଛି ଶାରୀରିକ ସୁସ୍ଥତା ସହ ମାନସିକ ଦୃଢ଼ତା ଓ ଶୃଙ୍ଖଳାର ପରିଚୟ। କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଭାଇଚାରା ଓ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇଥାଏ। ଏହି ମହତ୍ ଉଦ୍ଦେଶ୍ୟ ନେଇ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଢେଙ୍କାନାଳ ଜିଲ୍ଲାସ୍ତରୀୟ ଭଲିବଲ ଓ ଖୋ-ଖୋ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍‌ଯାପିତ ହୋଇଯାଇଛି। ଗତ ଅକ୍ଟୋବର ୩୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କ୍ରୀଡ଼ା ମହୋତ୍ସବ ନଭେମ୍ବର ୧ ତାରିଖ ଅପରାହ୍ନ ୪ଟା ସମୟରେ ଉଦ୍‌ଯାପନ ହୋଇଥିଲା। ଖେଳପଡ଼ିଆରେ ବିଭିନ୍ନ ବିଦ୍ୟାଳୟର ଖେଳାଳିମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଅଦମ୍ୟ ଉତ୍ସାହ, କ୍ରୀଡ଼ା ନୈପୁଣ୍ୟ ଓ ଜିତିବାର ଦୃଢ଼ ମନୋବଳ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଗଁଦିଆ ବ୍ଲକ ଅଧକ୍ଷା ରିନାରାଣୀ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟ ବିଦ୍ୟାଧର ପରିଡ଼ା, ଗୋଷ୍ଠୀ ମଙ୍ଗଳ ଅଧିକାରୀ ଅଭିଜିତ୍ ବେହେରା ଓ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଓ ଛାତ୍ରଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା



ଖେଳାଳିମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଓ କ୍ରୀଡ଼ା ମନୋଭାବକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହ ଢେଙ୍କାନାଳ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ କ୍ରୀଡ଼ା କେବଳ ବିଜୟ ଓ ପରାଜୟରେ ସୀମିତ ନୁହେଁ, ବରଂ ଏହା ଶୃଙ୍ଖଳା, ଏକତା, ସହଯୋଗ ଓ ଆତ୍ମବିଶ୍ୱାସର ଶ୍ରେଷ୍ଠ ମାଧ୍ୟମ ବୋଲି ଏହି କ୍ରୀଡ଼ା ମହୋତ୍ସବ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛି।

ହିନ୍ଦୋଳରେ ଗଜଲକ୍ଷ୍ମୀ ପୂଜା ଧୂମଧାମରେ ପାଳିତ

ଖଜୁରିଆକଟା ୨/୧୧(ନିଳକଣ୍ଠ ଦାସ)ଗଣପର୍ବ ଲକ୍ଷ୍ମୀପୂଜା ଉତ୍ସବ ହିନ୍ଦୋଳ ଉପଖଣ୍ଡରେ ବହୁ ଧୂମଧାମରେ ପାଳିତ ହେଉଛି। ଗତ ଅକ୍ଟୋବର ୨୫ରୁ କଳସଯାତ୍ରା ଓ ପୂଜା ଆରମ୍ଭ ହୋଇ ଆସନ୍ତାକାଲି ନଭେମ୍ବର ୩ରେ ସାମୁହିକ ବିସର୍ଜନ ହେବ।ତେବେ ଚଳିତବର୍ଷ ହିନ୍ଦୋଳ ଏନଏସି ରେ ୧୧ଟି ପୂଜପ୍ରତିଷ୍ଠାନ ଯଥା ବସଷ୍ଟାଣ୍ଡ ଛକ,ଲକ୍ଷ୍ମୀବଜାର,ମେଡିକାଲ ଛକ,କଳ୍ପନାବଜାର, ମୀରାବଜାର,କାରିଗର ସାହି,ନୂତନପଟଣା ସତ୍ୟସାଇ ପୂଜା କମିଟି,ନୂତନପଟଣା ଗୋପାଳ



ସାହି, ନୂତନପଟଣା ରାଧାକୃଷ୍ଣ ଲକ୍ଷ୍ମୀପୂଜା, ବନମାଳୀପୁର କ, ଖ ପ୍ରମୁଖ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ, ସୁଶୋଭିତ ସାଜସଜ୍ଜା, ଲାଇଟ, ମୂର୍ତ୍ତି, ବିଭିନ୍ନ ସେଲ୍ଫି ପଏଣ୍ଟ ସାଙ୍ଗକୁ ମିନାବଜାର, ଦୋଳି, ବିଭିନ୍ନ ଫାଷ୍ଟଫୁଡ, ମନୋହରୀ ଦୋକାନ ଇତ୍ୟାଦି ସହିତ ଜନସାଧାରଣଙ୍କ ସମାଗମ ଉପଖଣ୍ଡକୁ ଚଳଚଞ୍ଚଳ କରିଦେଇଛି। ଏଥିସହ ବିଭିନ୍ନ ପୂଜାପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ସଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁ ମାନଙ୍କୁ ଆକର୍ଷିତ କରୁଛି।ହିନ୍ଦୋଳ ଏନଏସି ବ୍ୟତୀତ ହିନ୍ଦୋଳ ଉପଖଣ୍ଡର ରସୋଳ,ତେଲିଭୁଇଁ,ନାଉକିଆରୀ, ସାତମାଇଲ, ଖଜୁରିଆକଟା ସମେତ ଅନେକ ସ୍ଥାନରେ ଧୂମଧାମ ରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ନଅଦିନ ବ୍ୟାପି ଶାନ୍ତିଶୃଙ୍ଖଳାର ସହିତ ପ୍ରତ୍ୟେକ ପୂଜାନୁଷ୍ଠାନ ମାନଙ୍କରେ ଧି ନୀତିନିୟମ ଅନୁଯାଇ ପୂଜା ଚାଲିଥିବାବେଳେ ଆସନ୍ତାକାଲି ସାମୁହିକ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ। ତେବେ ହିନ୍ଦୋଳ ପ୍ରଶାସନ ଓ ପୋଲିସପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପଦକ୍ଷେପ ନେବାସହ ଆଇନଶୃଙ୍ଖଳା ରକ୍ଷା ଏବଂ ସୁରୁଖୁରୁରେ ପୂଜା ପାଳନ ପାଇଁ ଉଦ୍ୟମ ଜାରିରଖିଥିବା ଜଣା ପଡିଛି

କାମାକ୍ଷାନଗର ମହାବିଦ୍ୟାଳୟରେ ଅଧକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର, ୨/୧୧(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧାପକ ଶ୍ରୀକାନ୍ତ କୁମାର ପ୍ରଧାନ ସଭାପତିତ୍ୱ କରି ଡ. ମହାନ୍ତି ଜଣେ ଅମାୟିକ, କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଅଧକ୍ଷ ଭାବେ ବେଶ୍ ସୁନାମ ଅର୍ଜନ କରିଥିବା ପ୍ରକାଶ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ମିଷ୍ଟଭାଷୀ ସ୍ୱଭାବ ଓ ଦାୟିତ୍ୱବୋଧ ମହାବିଦ୍ୟାଳୟ ପାଇଁ ଅନୁକରଣୀୟ ବୋଲି ମତପ୍ରକାଶ ପାଇଥିଲା।ଏହି ଅବସରରେ ଅଧାପକ ଜ୍ଞାନ ରଞ୍ଜନ ମିଶ୍ର, ଡ. ଶ୍ରୀବତ୍ସ କୁମାର ସାହୁ, ଶରତ ଚନ୍ଦ୍ର ବେହେରା, ରଶ୍ମି ରଞ୍ଜନ ସେନାପତି, ପ୍ରମୋଦ କୁମାର ସ୍ୱାଇଁ, ଚିନ୍ମୟ କୁମାର ମିଶ୍ର, ଅଧାପିକା ଶାନ୍ତା ନିବେଦିତା ମହାନ୍ତି, ଅମରେଶ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା ଓ ମୁଖ୍ୟ କିରାଣୀ ପଞ୍ଚାନନ ଜେନା ପ୍ରମୁଖ ଅଧକ୍ଷଙ୍କ ଶୈକ୍ଷିକ ଓ ପ୍ରଶାସନିକ କ୍ଷେତ୍ରରେ ଅବଦାନର ଉଚ୍ଚ ପ୍ରଶଂସା କରିଥିଲେ।ନିଜ ବକ୍ତବ୍ୟରେ ଅଧକ୍ଷ ଡ. ମହାନ୍ତି ତାଙ୍କର ଆଠ ମାସର କାର୍ଯ୍ୟକାଳ ମଧ୍ୟରେ ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ସହଯୋଗ ତଥା ଭଲପାଇବା ଯୋଗୁଁ ସେ ସୁଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିପାରିଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଥିବା କହିଥିଲେ।ଅଧାପକ ପ୍ରଦୀପ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧାପକ ଡ. ଜୟକୃଷ୍ଣ ମିଶ୍ର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ଡ. ମହାନ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକ୍ରମର ଆବାହକ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା



ଢେଙ୍କାନାଳ, ୦୨/୧୧(ଅକ୍ଷର ଓଡ଼ିଶା): ଛାତ୍ରୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା, ଗୋଷ୍ଠୀ ଉନ୍ନୟନ ଏବଂ ସ୍ୱେଚ୍ଛାସେବାର ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ସାତଦି



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ,
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଜେଲଗୁଡ଼ିକରେ ସମସ୍ୟା

ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଭିଡ ବା ଗହଳି କାହାରିକୁ ବୋଧହୁଏ ଅଛପା ନାହିଁ। ଯାହାକି ଏକ ଗୁରୁତର ସଂକଟ ଭାବେ ଉଭା ହୋଇଛି। ଦେଶର ୧୩୩୨ଟି ଜେଲରେ ଏବେ ୫,୩୦,୩୩୩ଜଣ କଏଦୀ ଅଛନ୍ତି। ଏହି ଜେଲଗୁଡିକରେ ୪,୩୯,୧୧୯ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବାବଳେ ପ୍ରାୟ ଏକଲକ୍ଷ ଅର୍ଥାତ ୨୦.୮ ପ୍ରତିଶତ ଅଛନ୍ତି। ଏହି କଏଦୀ ମଧ୍ୟରେ ୭୪ ପ୍ରତିଶତ ହେଉଛନ୍ତି ବିଚାରାଧୀନ। ସେହିପରି ଆମ ରାଜ୍ୟରେ ୮୬ଟି ଜେଲରେ ୧୮,୧୭୬ ଜଣ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪,୧୩୬ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାବଳେ ୧୪,୦୪୦ ଜଣ ହେଉଛନ୍ତି ବିଚାରାଧୀନ। ରାଜ୍ୟରେ ଜେଲଗୁଡିକରେ ମୋଟ ୨୪,୧୮୯ ଜଣ କଏଦୀ ରହିବା ବ୍ୟବସ୍ଥା ଥିବାବଳେ ଜେଲ ଅନ୍ତେବାସୀଙ୍କ ସଂଖ୍ୟା ଏହାଠାରୁ କମ ରହିଛି। କିନ୍ତୁ ରାଜ୍ୟରେ ଥିବା ସତନ୍ତ୍ର ଜେଲଗୁଡିକରେ କଏଦୀଙ୍କ ଭିଡ ଉଦ୍‌ବେଗଜନକ। କହିବା ବାହୁଲ୍ୟ ଯେ, ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଗହଳି ଥିବାବଳେ ସେମାନଙ୍କ ସାସ୍ଥ୍ୟବସ୍ଥା ଅତ୍ୟନ୍ତ ଚନ୍ତି । ଜନକ ସ୍ଥିତିରେ ରହିଛି। ବୋଧହୁଏ ଏଇଥିପାଇଁ ଭାରତୀୟ ଜେଲଗୁଡକି ବଖ୍ ୟାତ। ଜେଲଗୁଡିକରେ ଦୁର୍ବଳ ଭିତିଭୂମି ଏବଂ ସାସ୍ଥ୍ୟ ସାଧାରଣତଃ ଅନ୍ତେବାସୀଙ୍କ ସାସ୍ଥ୍ୟବସ୍ଥା ଗୁରୁତର ନହେବା ପର୍ଯ୍ୟନ୍ତ ସେମାନଙ୍କ ଅଣଦେଖା ମୁଖ୍ୟ କାରଣ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଜଣେ କଏଦି କେବହଲେ ସାସ୍ଥ୍ୟ ଅଧିକାର ହରାଏ ନାହିଁ। ଅଦାଲତ ଏହା ଉପରେ ବାରମ୍ବାର ଗୁରୁତ୍ୱ ଦେଇ ଆସିଛନ୍ତି। ତଥାପି ଏଥିପ୍ରତି ଜେଲ କର୍ତୃପକ୍ଷ ଗୁରୁତ୍ୱ ଦେଇନଥିବା କୁହାଯାଏ। ଜଳପାଇଗୁଡି କେନ୍ଦ୍ରୀୟ ସୁଧାର ଗୃହରେ ଗତ ୨୦୨୫ ଅଗଷ୍ଟ ୨୦ତାରିଖରୁ ୨୦୨୬ ମାର୍ଚ୍ଚ ୯ତାରିଖ ମଧ୍ୟରେ ୯୨ଜଣ ଅନ୍ତେବାସୀ ମାରତ୍ମକ ହରପିସ୍ ସିପ୍ଲେସ୍ ଭାଇରସ (ଏଚଏସଭି) ରୋଗରେ ଆକ୍ରାନ୍ତ, ଯେଉ ରୋଗରେ ଆକ୍ରାନ୍ତର ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ଦେଖାଯାଇଥାଏ। ଏଥିରେ ଆକ୍ରାନ୍ତ ୭ଜଣ ରୋଗୀଙ୍କର ମୃତ୍ୟୁ ଘଟିଥଲି।। ଏଚଏସଭି ଏକ ସାଧାରଣ ରୋଗ। କିନ୍ତୁ ସାସ୍ଥ୍ୟ ବିଶାରଦମାନେ କହନ୍ତି ଯେ, ଭିଡ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଦୁର୍ବଳ ସସ୍ଥ୍ୟସେବା ଯୋଗୁଁ ଏହି ରୋଗ ବ୍ୟାପିଥାଏ। ଶେଷରେ ଏହି ରୋଗ ମସ୍ତିଷ୍କ ପ୍ରବାହ ବା ଏନସେଫାଲାଇଟସ୍ରେ ରୂପନ୍ତରିତ ହୋଇଥାଏ। ଯାହାକି ଅତ୍ୟନ୍ତ ମାରାତ୍ମକ ରୋଗ ବୋଲି କୁହାଯାଏ। ସୁଧାର ଗୃହରେ ଅନ୍ତେବସୀଙ୍କ ସଂଖ୍ୟା ଭିଡ ଏହି ରୋଗ ଉତ୍ପତ୍ତିର ମୁଖ୍ୟ କାରଣ ଥିବା କୁହାଯାଇଛି।

କାହିଁକି ଜଳୁଛି ୟୁରୋପ ?

ସାରା ୟୁରୋପରେ ଏବେ ଅଶାନ୍ତିର ନିଆଁ। ୟୁରୋପ ଅନ୍ତର୍ଗତ ୪୪ ରାଷ୍ଟ୍ର ମଧ୍ୟରୁ ଅଧିକାଂଶ ଦେଶରେ ଅସନ୍ତୋଷର ବହ୍ନି। ଜନଗଣଙ୍କ ପ୍ରତି ବର୍ଷ ବର୍ଷର ଅବହେଳା, ସାର୍ଥକୈନ୍ଦ୍ରିକ ସରକାର, ଜନଜୀବନର ବଞ୍ଚିବାର ମୌଳିକ ଅଧିକାରଗୁଡ଼ିକୁ କର୍ଣ୍ଣପାତ ନ କରିବା, ଯୁବବର୍ଗର ନ୍ୟାଯ୍ୟ ଦାବି ପୂରଣରେ ବିଫଳତା, ଶିକ୍ଷା ଓ ସାସ୍ଥ୍ୟ ସେବାକୁ ଗୁରୁତ୍ୱ ନଦେବା, ବସ-ବାସ ପ୍ରତି ଧ୍ୟାନ ନଦେବା, ବେକାରୀ ଆଦି କାରଣକୁ ନେଇ ଦିନକୁ ଦିନ ସାରା ୟୁରୋପରେ ବ୍ୟାପୁଛି ଆନ୍ଦୋଳନ। ଏପରିକି ମହାଶକ୍ତିଶାଳୀ ରାଷ୍ଟ୍ର ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ପୋଲାଣ୍ଡ ଆଦି ରାଷ୍ଟ୍ରରେ ବି ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ପ୍ରଶ୍ନ ଉଠୁଛି ଏହାର କାରଣ କ'ଣ ? କାହିଁକି ୟୁରୋପ ପରି ଧନଶାଳୀ ଭୂଖଣ୍ଡରେ ଏତେ ଅସନ୍ତୋଷ ? କାହିଁକି ଅଧିକାଂଶ ସରକାର ବିରୋଧରେ ଚାଲିଛି ଆନ୍ଦୋଳନ ?

ଫ୍ରନ୍ସର ଅଧିକାଂଶ ସହରରେ ବିକ୍ଷୋଭ, ଆନ୍ଦୋଳନ ପରେ ଜର୍ମାନୀର ମ୍ୟୁନିକ, ଫ୍ରାଙ୍କଫର୍ଟ, ବର୍ଲିନ ଆଦି ସହରରେ ଏବେ ଯୁବ ଆନ୍ଦୋଳନର ନିଆଁ। ସର୍ବଆରେ ବି ଦୀର୍ଘ ଦିନ ଧରି ଗାଦି ମାଡ଼ିବସିରହିଥିବା ଶାସକମାନଙ୍କ ବିରୋଧରେ ତାତୁଛନ୍ତି ଜେନ-ଜି। ଯୁଦ୍ଧବାଦୀ ବିଶ୍ୱରେ ଜନଜୀବନ ପ୍ରତି ଗୁରୁତ୍ୱ ନ ଦେଇ ସାମରିକ ପ୍ରତିଯୋଗିତାରେ ବ୍ୟସ୍ତ ଅଛନ୍ତି ଅଧିକାଂଶ ସରକାର। ବିଭିନ୍ନ ମହଲରେ ଯୁକ୍ତି ହେଉଛି ଯେ, ବାଧତାମୂଳକ ସାମରିକ ବିଭାଗରେ ଚାକିରି ବେକାରି, ଦାରିଦ୍ର୍ୟ ଆଦି ସମସ୍ୟାର ସମାଧାନ କରିପାରିବ ନାହିଁ। ବରଂ ସେଥିପ୍ରତି ଗୁରୁତ୍ୱ ନଦେଇ ଉଚ୍ଚମାନର ନିଯୁକ୍ତିକୁ ଫୋକସ କରିବା ଲାଗି ଦାବି ଉଠୁଛି।

ଜର୍ମାନୀ, କ୍ରୋଏସିଆ, ଅଷ୍ଟ୍ରିଆ, ସାଇପ୍ରସ, ଫିନଲ୍ୟାଣ୍ଡ, ଗ୍ରୀସ, ନରୱେ, ସୁଇଡେନ, ତୁର୍କୀ, ଫ୍ରାନ୍ସ, ବେଲଜିୟମ ଆଦି ଅଧିକାଂଶ ରାଷ୍ଟ୍ରରେ ଦାରିଦ୍ର୍ୟ, ବେକାରୀ, ଜୀବନମାନରେ ହ୍ରାସ ଆଦି ସମସ୍ୟା ଲାଗି ରହିଥିବା ସତ୍ୱେ ସାମରିକ ସେବା ଲାଗି ରହିଥିବା ବାଧତାମୂଳକ ବ୍ୟବସ୍ଥା ବା ସମଧରଣର ଆପେକ୍ଷିକ ସର୍ତ୍ତାବଳୀ ବିରୋଧରେ ତାତୁଛନ୍ତି ଜେନ-ଜି। ଶାନ୍ତିରେ ବଞ୍ଚତ୍ୱା, ବ୍ୟକ୍ତି ସାଧୀନତାର ସୁରକ୍ଷା, ଅର୍ଥନୈତିକ ସମାନତା ନେଇ ଏହି ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେଉଛି। ଯଦିଓ ଏହି ସବୁ ଆନ୍ଦୋଳନ ପଛରେ ଉଗ୍ରବାମବାଦୀ ଓ ବିଦେଶୀ ଲିଙ୍କ୍ ରହୁଥିବା କୁହାଯାଉଛି ତଥାପି ଦେଶ ଭିତରେ ରହିଥିବା ସମସ୍ୟା ଯେ, ଏହାର ପ୍ରମୁଖ କାରଣ-ଏହା ଧରିବାକୁ ହେବ। ଜର୍ମାନୀର ଆର୍ଥକ୍ ଅବସ୍ଥା ଏତେ ଖରାପ ହୋଇଛି ଯେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଦିଆଯାଇପାରୁନାହିଁ। ସେହିପରି କାମ କରିବା ବୟସର ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି।

କୁହାଯାଏ ୟୁରୋପରେ ୧୯୯୭ରୁ ୨୦୧୨ ମଧ୍ୟରେ ସୃଷ୍ଟି ହୋଇଥିଲା ଜେନ-ଜି। ଅର୍ଥାତ ସେବଠାରୁ ୟୁରୋପରେ ଏହି ଯୁବଗୋଷ୍ଠୀର ଶକ୍ତି ରହିଆସିଛି। ଏବେ ସାରା ୟୁରୋପରେ ସମସ୍ୟା ପ୍ରାୟ ଏକରକମରୁ ହେବାରୁ ଆନ୍ଦୋଳନ ବିସ୍ଫୋରକ ରୂପ ନେଇଛି। ୟୁରୋପର ଅଧିକାଂଶ ରାଷ୍ଟ୍ରରେ ବି ଦୁର୍ନୀତି ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଦୁର୍ନୀତିଗ୍ରସ୍ତ ସରକାରମାନେ କୌଣସି ପ୍ରକାରେ କ୍ଷମତାରେ ରହି ଲୁଣ୍ଠନରେ ମାତିଥିବାରୁ ଏହାର ପ୍ରଭାବ ସମାଜ ଉପରେ ପଡୁଛି। ବିଶେଷ କରି ଯୁବଗୋଷ୍ଠୀ ଏସବୁର ପ୍ରଥମ ଶିକାର ହେଉଥିବାରୁ ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ, ଶିକ୍ଷା, ସାସ୍ଥ୍ୟ, ଗୃହ ନିର୍ମାଣ ଲାଗି ବ୍ୟୟଭାର ସମ୍ପୂର୍ଣ୍ଣ ହ୍ରାସ କରାଯାଉଛି, ଭିତ୍ତିଭୂମିର ବିକାଶ କରାଯାଉନାହିଁ, କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଉନାହିଁ, ଦରଦାମ ନିୟନ୍ତ୍ରଣ କରାଯାଉନାହିଁ, ଅର୍ଥନୀତିରେ ମାନ୍ଦାବସ୍ଥା କିମ୍ବା ସ୍ଥିରତା ଦେଖାଦେଇଛି। ଏସବୁ ଅବ୍ୟବସ୍ଥା, ସଙ୍କଟ ପରିପ୍ରେକ୍ଷୀରେ ବିଭିନ୍ନ ଶ୍ରମିକ ସଂଗଠନର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି।

ଜର୍ମାନୀ, ଫ୍ରାନ୍ସ, ପର୍ତ୍ତୁଗାଲ, ସ୍ପେନ, ଆଲବାନିଆ, ସର୍ବିଆ, ବେଲଜିୟମ ଆଦି ରାଷ୍ଟ୍ରରେ ପ୍ରାୟ ଏକ ପ୍ରକାର ସମସ୍ୟା ଲାଗିରହିଛି। ଏଥିଲାଗି ସରକାର ହଟାଇବା ପାଇଁ ଆନ୍ଦୋଳନକାରୀ ପଣ ରଖିଛନ୍ତି।

ୟୁରୋପର ୪୪ଟି ରାଷ୍ଟ୍ର ମଧ୍ୟରୁ ତଥାକଥିତ ଆଭିଜାତ୍ୟ ସଂଘ ୟୁରୋପୀୟ ୟୁନିଅନରେ ରହିଛନ୍ତି ୨୭ ରାଷ୍ଟ୍ର।



ବିନୋଦ ମହାରଣା,
ଭୁବନେଶ୍ୱର, ୯୪୩୭୧୬୪୭୬୪

ୟୁରୋପୀୟ ୟୁନିଅନର ପ୍ରାୟ ୪୫ କୋଟି ଲୋକଙ୍କ ମଧ୍ୟରୁ ଦାରିଦ୍ର୍ୟ, ସାମାଜିକ ସଂକଟରେ ରହିଛନ୍ତି ପ୍ରାୟ ୩୦ ପ୍ରତିଶତ ଯୁବବର୍ଗ। ଅଧିକାଂଶ ରାଷ୍ଟ୍ରରେ ଜନଜୀବନ ସମସ୍ୟା ତୀବ୍ର ହେବାରେ ଲାଗିଛି। ଏସବୁ କାରଣରୁ ଯେଉ ଉଦ୍ଦେଶ୍ୟ ରଖି ୧୯୯୩ରେ ଗଠିତ ୟୁରୋପୀୟ ୟୁନିଅନ ଆଜି ଦିଗହରା ହୋଇଛି। ଏହା ପ୍ରତ୍ୟକ୍ଷ ଭାବେ ଆମେରିକା ନିର୍ଦ୍ଦଶରେ ପରିଚାଳିତ ହେବାରେ ଲାଗିଛି। ବିଶେଷ କରି ସାମାଜିକ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନବୋ, ସାମାଜିକ କ୍ଷେତ୍ର ପ୍ରତି ପୁଞ୍ଜିନିବେଶର ଅଭାବ, ଶ୍ରମ ଆଇନରେ ସଂସ୍କାରର ଅଭାବ, ରାଜସ ପରିଚାଳନାରେ ବ୍ୟର୍ଥତା ଆଦି କାରଣରୁ ସମଗ୍ର ୟୁରୋପରେ ସମଧରଣର ସମସ୍ୟା ଉପୁକୁଛି ବୋଲି ମତ ଦେଉଛନ୍ତି ୟୁରୋପିଆନ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଓ ରିସର୍ଚ୍ଚ ଅନ ୟୁରୋପିଆ ଇକୋନୋମିକ ଗଭର୍ଣ୍ଣାନ୍ସ।

ଏପରି ଜନ ଉଦଗୀରଣର ଆଉ ଏକ ପ୍ରମୁଖ କାରଣ ହେଲା ବାହ୍ୟଦେଶର ଲୋକଙ୍କ ଅନୁପ୍ରବେଶ। ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଅଷ୍ଟ୍ରିଆ, ଡେନମାର୍କ, ସୁଇଡେନ, ଫିନଲ୍ୟାଣ୍ଡ, ପୋଲାଣ୍ଡ ଆଦି ଦେଶରେ ଅନୁପ୍ରବେଶ ସମସ୍ୟା ତୀବ୍ର ହୋଇଛି। ତେବେ ଏହାକୁ ରୋକିବା ଲାଗି ଅନେକ ପ୍ରକାର ଆଇନଗତ ପ୍ରତିବନ୍ଧକ ରହିଥିବାରୁ ଏବଂ ସରକାର-ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗେଟ ଓ୍ୱେ ନେସନ ଭାବେ ପରିଚିତ ଇଟାଲୀ ଓ ଗ୍ରୀସରେ ଏହି ସମସ୍ୟା ଅତି ସଂଗୀନ ହୋଇଛି।

ୟୁରୋପ ଓ ୟୁରୋପୀୟ ୟୁନିଅନକୁ ତୁଳନା କଲେ ଏହା ପ୍ରତୀୟମାନ ହେଉଛି ଯେ, ସେହି ଦେଶଗୁଡ଼ିକରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ଭାରତ କ୍ଷେତ୍ରରେ ନୂଆ ନୁହେଁ। ଭାରତର ଜନସଂଖ୍ୟା ହୁ ହୁ ଗତିରେ ବଢୁଥିବାବଳେ ତତ୍ସଲଗ୍ନ ସମସ୍ୟାଗୁଡ଼ିକ ବି ସେହି ଅନୁପାତରେ ବଢ଼ିବାରେ ଲାଗିଛି। ଦେଶରେ ଶ୍ରମିକ, ଛାତ୍ର, ଯୁବ ନିରାପତ୍ତା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରାଂଶର ବ୍ୟବହାର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ, ସାମାଜିକ ନିରାପତ୍ତା ଲାଗି ସୁଦୃଢ ଯୋଜନାର ଅଭାବ, ଶିକ୍ଷୋଦ୍ୟୋଗୀମାନଙ୍କ ସୁରକ୍ଷା ଲାଗି ବ୍ୟାଙ୍କିଙ୍ଗ ସ୍ତରରେ ଯୋଜନାର ଅଭାବ, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିଫଳତା, ଶ୍ରମିକ ଓ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ପ୍ରତିଦିନ ଘରୋଇ କ୍ଷେତ୍ରରୁ ଛଟେଇ ଜାରି ରହିଛି। ଶିକ୍ଷା ଶେଷରେ ଛାତ୍ରଛାତ୍ରୀ ଅନ୍ଧାର ଭବିଷ୍ୟତରେ ରହୁଛନ୍ତି। ଏପରି ସ୍ଥଳେ କୌଣସି ମୁହୂର୍ତ୍ତରେ ଯେ, ଜେନ-ଜି ତାତିବେ ତାହା କହିବା କଷ୍ଟକର। ତେବେ ଏସଆଇଆର ପ୍ରସଙ୍ଗରେ ଜେନ-ଜି ଯେପରି ନିଜର ଶକ୍ତି ହରାଇବାରେ ଲାଗିଛି ତାହା ସର୍ବୋତ ଭାବେ ସାମଗ୍ରିକ ପ୍ରଗତିଭିତ୍ତିକ ଆନ୍ଦୋଳନକୁ ଦୁର୍ବଳ କରୁଛି। ଶୀଘ୍ର ଉତଥାନ-ଶୀଘ୍ର ପତନ ଧାରାରେ ଜେନ-ଜି ଏବେ ଗୁରୁତର ଧକ୍କାର ସମ୍ମୁଖୀନ ହୋଇଛି। ତା' ସହ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳଗୁଡ଼ିକ ବି ସେହି ଅନୁପାତରେ ନିଜର ଗୁରୁତ୍ୱ ହରାଇଛନ୍ତି। ଏସଆଇଆର ଆନ୍ଦୋଳନ ଯଦି ଦାରିଦ୍ର୍ୟ, ବେକାରୀ, ଘରୋଇକରଣ, ଛଟେଇ, ଅର୍ଥନୈତିକ ଅସମାନତା, ଅର୍ଥନୈତିକ ମାନ୍ଦାବସ୍ଥା, ବ୍ୟାଙ୍କଗୁଡ଼ିକର ଜନମାରଣ ନୀତି ଆଦି ବିରୋଧରେ ହୋଇଥାନ୍ତା ତେବେ ଦେଶବାସୀ ବହୁଳ ଭାବେ ଉପକୃତ ହୋଇଥାନ୍ତେ। ମାତ୍ର ତାହା ଘଟିଲା ନାହିଁ। ୨୦ରୁ ଅଧିକ ବିରୋଧୀ ରାଜନୈତିକ ଦଳ ଏକ ନିଷ୍ଫଳ ଆନ୍ଦୋଳନରେ ଏକାଠି ହେବାର ମୂଲ୍ୟ କିଛି ନାହିଁ। ଜେନ-ଜିକୁ ଏକ ଶ୍ରେଣୀଭିତ୍ତିକ ଆନ୍ଦୋଳନ ଦିଗରେ ଅଭିପ୍ରେତ

ବିକାଶ ଏବଂ ପରିବେଶ ମଧ୍ୟରେ ସନ୍ତୁଳନ



ଅସିତ ମହାନ୍ତି
ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ସୁଜନପୁର, ଯାଜପୁର, ୯୪୩୭୨୮୮୦୨୮

ପୃଥିବୀ ଆମକୁ ବିଶାଳ ଜଙ୍ଗଲ, ନିର୍ମଳ ଜଳ, ଉର୍ବର ମୃତ୍ତିକା, ବିସ୍ମୟକର ବନ୍ୟଜୀବ ଏବଂ ସୂର୍ଯ୍ୟାଲୋକ ପ୍ରଦାନ କରିଛି, ଯାହା ଜୀବନକୁ ସମ୍ଭବ କରିଥାଏ। ଆମେ ଯାହା କିଛି ନିର୍ମାଣ କରୁ, ଯେଉଁ ପ୍ରଯୁକ୍ତିବିଦ୍ୟା ବିକାଶ କରୁ ଏବଂ ଭବିଷ୍ୟତ ପାଇଁ ଯେଉଁ ସପ୍ନ ଦେଖୁ, ସେ ସବୁର ମୂଳଦୁଆ ପ୍ରକୃତି ହିଁ ଯୋଗାଇଥାଏ। ତଥାପି, ବୈଷୟିକ ଅଗ୍ରଗତିର ଦୌଡ଼ରେ, ଆମେ ବିକାଶର ପରିବେଶଗତ ମୂଲ୍ୟକୁ ନେଇ ଅନେକ କଠିନ ପ୍ରଶ୍ନର ସମ୍ମୁଖୀନ ହେଉଛୁ। କୃତ୍ରିମ ବୁଦ୍ଧିମତ୍ତା (Artificial Intelligence) ବା ଇଓ ପ୍ରତି ବଢୁଥିବା ଚାହିଦା ଯୋଗୁଁ 'ଡାଟା ସେଣ୍ଟର'ଗୁଡ଼ିକର ଦ୍ରୁତ ସମ୍ପ୍ରସାରଣ ଘଟୁଛିଟି ଏଥିପାଇଁ ଜମି, ବିଦ୍ୟୁତ୍, ଶୀତଳୀକରଣ ବ୍ୟବସ୍ଥା (cooling systems) ଏବଂ ବ୍ୟାପକ ଭିତ୍ତିଭୂମିର ଆବଶ୍ୟକତା ରହିଛି।

ଯେତେବେଳେ ଜଙ୍ଗଲ କଟାଯାଏ, ବନ୍ୟଜୀବଙ୍କ ଆବାସସ୍ଥଳୀ ନଷ୍ଟ ହୁଏ ଏବଂ ସ୍ଥାନୀୟ ଜଳ ଉତ୍ସ ଉପରେ ଚାପ ପଡ଼େ, ସେତେବେଳେ ଆମକୁ ନିଜକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବା ଉଚିତ୍: ଆମେ କ'ଣ ଏକ ଉତ୍ତମ ଭବିଷ୍ୟତ ଗଢୁଛୁ, ନା ଆମେ ସେହି ପ୍ରାକୃତିକ ଦୁନିଆକୁ ବିପଦରେ ପକାଉଛୁ ଯାହା ଆମକୁ ବଞ୍ଚାଇ ରଖିଛି ? ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ଜରୁରୀ। ନବସୃଜନ ସମସ୍ୟାର ସମାଧାନ କରିପାରିବ, ଜୀବନକୁ ଉନ୍ନତ କରିପାରିବ ଏବଂ ଅସାଧାରଣ ସମ୍ଭାବନା ପାଇଁ ଦ୍ୱାର ଖୋଲିପାରିବ। କିନ୍ତୁ ପ୍ରଗତି କେବେବି ଆମର ନିଷ୍ପତ୍ତିର ପରିବେଶଗତ ପରିଣାମକୁ ଅଣଦେଖା କରିବା ଉଚିତ୍ ନୁହେଁ। ଆମେ ନବୀକରଣୀୟ ଶକ୍ତିରେ ବିନିଯୋଗ କରିବା, ଡାଟା ସେଣ୍ଟର ଦକ୍ଷତା ବୃଦ୍ଧି କରିବା, ଜଳ ବ୍ୟବହାର ହ୍ରାସ କରିବା, ଜଙ୍ଗଲକୁ ସୁରକ୍ଷା ଦେବା ଏବଂ ଇକୋସିଷ୍ଟମକୁ କ୍ଷତି କମ କରିବା ଭଳି ସ୍ଥାନ ବାଛିବା ସହିତ ଉନ୍ନତ ଇଓ ସିଷ୍ଟମଗୁଡ଼ିକୁ ବିକଶିତ କରିପାରିବା। ପ୍ରକୃତ ଚ୍ୟାଲେଞ୍ଜ ହେଉଛି ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକୃତି ମଧ୍ୟରେ ବାଛିବା ନୁହେଁ। ଏହା ଉଭୟଙ୍କ ଉନ୍ନତି ପାଇଁ ଏକ ଉପାୟ ଖୋଜିବା।

କୃତ୍ରିମ ବୁଦ୍ଧିମତା ଆମର ବିଶ୍ୱକୁ ପରିବର୍ତ୍ତନ କରିପାରେ, କିନ୍ତୁ ଏହା ସ୍ୱଚ୍ଛ ବାୟୁ, ମଧୁର ପାଣି, ସୁସ୍ଥ ଜଙ୍ଗଲ କିମ୍ବା ଆମ ଗ୍ରହକୁ ଜୀବନ୍ତ ରଖୁଥିବା ଜୈବ ବିବିଧତାକୁ ବଦଳାଇପାରିବ ନାହିଁ।ଭାରତରେ ଡାଟା ସେଣ୍ଟରଗୁଡ଼ିକର ବିସ୍ତାର କେବଳ ଏକ ବୈଷୟିକ କିମ୍ବା ଆର୍ଥିକ ପ୍ରକଳ୍ପ ନୁହେଁ, ବରଂ ଏହା ଭୂମି, ଜଳ, ଶକ୍ତି ଏବଂ ପରିବେଶ ସହିତ ଜଡିତ ଏକ ପ୍ରମୁଖ ସମସ୍ୟା ହୋଇପଡୁଛି। ଗତ କିଛି ବର୍ଷ ମଧ୍ୟରେ, କେନ୍ଦ୍ର ଏବଂ ବିଭିନ୍ନ ରାଜ୍ୟ ସରକାର ଡାଟା ସେଣ୍ଟର, କ୍ଲାଉଡ୍ ଭିତ୍ତିଭୂମି ଏବଂ ଏଆଇ କମ୍ପ୍ୟୁଟିଂ ହବ୍ ପ୍ରତିଷ୍ଠା ପାଇଁ ଅନେକ ବିଦେଶୀ କମ୍ପାନୀ ସହିତ ପ୍ରମୁଖ ଚୁକ୍ତିନାମା ସାକ୍ଷର କରିଛନ୍ତି। ଏଗୁଡ଼ିକ ମଧ୍ୟରେ, ମହାରାଷ୍ଟ୍ରର ମୁମ୍ବାଇ, ତାମିଲନାଡୁର ଚେନ୍ନାଇ, ତେଲେଙ୍ଗାନାର ହାଇଦ୍ରାବାଦ, ଉତ୍ତର ପ୍ରଦେଶର ନୋଏଡା-ଗ୍ରେଟର ନୋଏଡା, ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, କର୍ଣ୍ଣାଟକର ବେଙ୍ଗାଲୁରୁ ଏବଂ ଗୁଜରାଟର କିଛି ଶିଳ୍ପ କ୍ଷେତ୍ର ପ୍ରମୁଖ ଭାବରେ ଉଭା ହୋଇଛି। Amazon Web Services (AWS), Microsoft, Google, Oracle, Equinix, NTT Data, ଏବଂ ST Telemedia ଭଳି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତରେ ବଡ଼ ଡାଟା ସେଣ୍ଟର କ୍ୟାମ୍ପସ୍ ନିର୍ମାଣ କିମ୍ବା ବିସ୍ତାର କରୁଛନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, Google ଏବଂ AdaniConneX ର ବିଶାଖାପାଟଣାରେ ମିଳିତ ଇଓ ଡାଟା ସେଣ୍ଟର କ୍ୟାମ୍ପସ୍, ହାଇଦ୍ରାବାଦରେ Microsoftର ପ୍ରମୁଖ ନିବେଶ, ଏବଂ Google ଏବଂ Oracle Cloudର ମୁମ୍ବାଇ ଏବଂ ଦିଲ୍ଲୀ-NCRରେ ସମ୍ପ୍ରସାରଣ ଭଳି ପ୍ରକଳ୍ପଗୁଡ଼ିକ ବିଶେଷ ଭାବରେ ଉଲ୍ଲେଖନୀୟ ହୋଇଛି।

କିନ୍ତୁ ପ୍ରଶ୍ନ କେବଳ ସେହି ସ୍ଥାନରେ ନୁହେଁ ଯେଉଁଠାରେ ଡାଟା ସେଣ୍ଟରଗୁଡ଼ିକ ନିର୍ମାଣ କରାଯାଉଛି। ପ୍ରକୃତ ପ୍ରଶ୍ନ ହେଉଛି ସେମାନଙ୍କର ପରିବେଶଗତ ଖର୍ଚ୍ଚ କେତେ ହେବ। ଡାଟା ସେଣ୍ଟରଗୁଡ଼ିକ ସାଧାରଣ କୋଠା ପରି ଦେଖାଯାଇପାରେ, କିନ୍ତୁ ଏଥିରେ ଘଣ୍ଟା ଘଣ୍ଟା ଚାଲୁଥିବା ହଜାର ହଜାର ସର୍ଭର ରହିଛି। ସେଗୁଡ଼ିକୁ ଥଣ୍ଡା ରଖିବା ପାଇଁ ବିପୁଳ ପରିମାଣରେ ବିଦ୍ୟୁତ୍ ଏବଂ ପାଣି ଆବଶ୍ୟକ। ଏକ ପ୍ରମୁଖ ଅଧ୍ୟୟନ ଅନୁଯାୟୀ, ଭାରତରେ ଡାଟା ସେଣ୍ଟରଗୁଡ଼ିକର ବର୍ତ୍ତମାନ ଏବଂ ପ୍ରସ୍ତାବିତ ବୃଦ୍ଧି ଜମି,



ମଙ୍ଗଳବାର ୩।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ସାମ୍ଭାବ୍ୟ ବାତ୍ୟା 'ମୁରାସୁ' ପାଇଁ ମଲକାନଗିରିରେ ବ୍ୟାପକ ସତର୍କତା

୨ ରୁ ୫ ଯାଏଁ ସମ୍ପୂର୍ଣ୍ଣ ପ୍ରଶାସନିକ ସଜାଗ

ମାଲକାନଗିରି, ୨।୧୧ (ପ୍ରଦୀପ ରାଉଳ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମ୍ଭାବ୍ୟ ସାମୁଦ୍ରିକ ଝଡ଼/ବାତ୍ୟା 'ମୁରାସୁ' କୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ପ୍ରସ୍ତୁତି କଡ଼ାକଡ଼ି କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟପ୍ରଥମେଶ ଅରବିନ୍ଦ ରାଜସିର୍କେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଶୂନ୍ୟ ଜୀବନହାନି' ନୀତିକୁ ଆଧାର କରି ପ୍ରଶାସନିକ ସ୍ତରରେ ବିଭିନ୍ନ ଜରୁରୀ ନିର୍ଦ୍ଦେଶ ଜାରି କରାଯାଇଛି।ଜିଲ୍ଲାର ପାହାଡ଼ିଆ, ଭୂସ୍ଖଳନ ଏବଂ ବନ୍ୟାପ୍ରବଣ ତଳିଆ ଅଞ୍ଚଳରେ ରହୁଥିବା ସମସ୍ତ ଲୋକଙ୍କୁ ଚିହ୍ନଟ କରି ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ବିଡିଓ, ତହସିଲଦାର, ପିଇଓ, ରାଜସ ନିରୀକ୍ଷକ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ବୃଦ୍ଧ, ଭିନ୍ନକ୍ଷମ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ସତନ୍ତ୍ର ପ୍ରାଥମିକତା ଦିଆଯିବ। ଯାତାୟାତ ନିୟନ୍ତ୍ରଣ ପାଇଁ ବିପଜ୍ଜନକ ରାସ୍ତା, ତଳିଆ ପୋଲ ଓ ସଂବେଦନଶୀଳ ସ୍ଥାନଗୁଡ଼ିକରେ ଆଞ୍ଚଳିକ ପରିବହନ ଅଧିକାରୀ ଙ୍କ ଦ୍ୱାରା ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ।

ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଅବକାରୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତଦାରଖରେ ନଭେମ୍ବର ୨, ୨୦୨୬ ରୁ ନଭେମ୍ବର ୪, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ବାତ୍ୟା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତଦାରଖରେ ସମସ୍ତ ସ୍କୁଲ ଓ ଆଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ, ତେବେ ଏହି ସମସ୍ତ କେନ୍ଦ୍ରକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ ଏବଂ ଏହାର ସମସ୍ତ କର୍ମଚାରୀ ଜରୁରୀ ଡ୍ୟୁଟିରେ ଉପସ୍ଥିତ ରହିବେ। ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ସମୟ ଥିବା ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ , ଏବଂ ମଙ୍ଗଳ ଅଧିକାରୀ ଙ୍କୁ ଦାୟିତ୍ୱ ଦିଆଯିବା ସହ ଜରୁରୀକାଳୀନ ବ୍ଲକ-ଓ୍ୱାରୀ ଆସ୍ଥୁଲାନ୍ସ ରୁଟ୍ ଚାର୍ଟ ଜାରି କରାଯାଇଛି। ଏସ.ପି, ଡି ଏଫଓ, ସିଡଏମଓ, ବିଡିଓ, ତହସିଲଦାର ଓ ସହକାରୀ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ଅଗ୍ନିଶମ, ପୋଲିସ, ବନ ବିଭାଗ, ପାରାମେଡିକାଲ ଓ ମୋବାଇଲ ମେଡିକାଲ ଟିମ୍ ସଜାଗ ରହିବେ। ପ୍ରାଣୀ ସମ୍ପଦ ସୁରକ୍ଷା ପାଇଁ ଗୋଖାଦ୍ୟ, ସୁରକ୍ଷିତ ଆଶ୍ରୟ ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଟିମ୍ ପ୍ରସ୍ତୁତ ରଖିବାକୁ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ , ତହସିଲଦାର, ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ ଦ୍ୱାରା ଚାଷୀମାନଙ୍କୁ ପାଚିଲା ଫସଲ ଓ ପରିବା ଶୀଘ୍ର ଅମଳ କରିବା ପାଇଁ ମାଇକିଂ ମାଧ୍ୟମରେ ସଚେତନ କରାଯାଉଛି। ସମସ୍ତ ଲାଇନ୍ ବିଭାଗ ମୁଖ୍ୟ, ଉପ-ଜିଲ୍ଲାପାଳ, ବିଡିଓ ଓ ତହସିଲଦାରମାନେ ନିଜ ସଦର ମହକୁମାରେ ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତିର ତଦାରଖ କରୁଛନ୍ତି। ଜିଲ୍ଲାରେ ୨୪ ଘଣ୍ଟିଆ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (DEOC - ୦୬୮୬୧-୨୩୧୩୭୨) ଏବଂ ଟୋଲ୍ ଫ୍ରୀ ହେଲ୍‌ପଲାଇନ୍ ୧୦୭୭ (୧୦୭୭) ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ସମସ୍ତ ସରକାରୀ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶାବଳୀକୁ ଅତ୍ୟନ୍ତ ଜରୁରୀ (MOST URGENT) ମନେକରି ଜୀବନ, ଜୀବିକା ଓ ସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

'ଲୋକତନ୍ତ୍ର ବଞ୍ଚାଅ ଅରାଜକତା ହଟାଅ' ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ



ରଣପୁର ୨।୧୧(ଅକ୍ଷର ଓଡ଼ିଶା): ଭାରତୀୟ ଜନତା ପାର୍ଟି ପକ୍ଷରୁ ସମଗ୍ର ଦେଶରେ 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ'ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପେକ୍ଷୀରେ ରଣପୁର ନିର୍ବାଚନ ମଣ୍ଡଳୀ ବିଜେପି ଦଳ ଆନୁକୂଲ୍ୟରେ ରବିବାରଦିନ ଚାନ୍ଦପୁରସ୍ଥିତ ଅପସରା ହୋଟେଲ ରେ 'ଲୋକତନ୍ତ୍ର ବଞ୍ଚାଅ ଅରାଜକତା ହଟାଅ 'ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ! ଏହି କାର୍ଯ୍ୟକ୍ରମରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡ଼ ମହେଶ ଚନ୍ଦ୍ର ଶର୍ମା, ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେପି ମୁଖପାତ୍ର ତଥା ଲୋକତନ୍ତ୍ର ବଞ୍ଚାଅ ଅରାଜକତା ହଟାଅ କାର୍ଯ୍ୟକ୍ରମର ସଂଯୋଜକ ସୁଦୀପ୍ତ ରାୟ ଓ ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲ୍ଲା ବିଜେପି ଉପସଭାପତି ନିର୍ମଳ କୁମାର ମତଗଜସିଂହ,ପରେଶ ମିଶ୍ର ଓ ସୁନୀତା ଶର୍ମା ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ !ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲା ଉପସଭାପତି ନିର୍ମଳ କୁମାର ମତଗଜସିଂହଅତିଥିପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ ! ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ, ସମାଜସେବୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀମାନେ ସାମିଲ ହୋଇଥିଲେ ! ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା କରିବା ଏବଂ ବିରୋଧୀ ଦଳଗୁଡ଼ିକର ?। ଇଣ୍ଡିଆ ମେଣ୍ଟର କଥିତ ଅରାଜକ ମନୋଭାବ ବିରୋଧରେ ମୁଖ୍ୟ ଅତିଥି ମହେଶ ଚନ୍ଦ୍ର ଶର୍ମା ସମସ୍ତଙ୍କୁ ସୂଚନା ଦେଇ ସଚେତନ କରିଥିଲେ। ବିରୋଧୀ ଦଳଗୁଡ଼ିକ ସାମ୍ବିଧାନିକ ସଂସ୍ଥା ଉପରେ ବାରମ୍ବାର ପ୍ରଶ୍ନ ଉଠାଇ ନିର୍ବାଚନର ଫଳାଫଳକୁ ଅସୀକାର କରୁଥିବା ଅଭିଯୋଗ ଆଣିବା ସହିତ ଗଣତନ୍ତ୍ରରେ ଅରାଜକତାର କୌଣସି ସ୍ଥାନ ନାହିଁ ବୋଲି ବାର୍ତ୍ତା ଦେବା ସହ ବିରୋଧୀଙ୍କ ଭ୍ରମାତ୍ମକ ପ୍ରଚାର ବିରୋଧରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଜନସାଧାରଣମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ! ଏହି କାର୍ଯ୍ୟକ୍ରମ କୁ ଚାନ୍ଦପୁର ମଣ୍ଡଳ ବିଜେପି ସଭାପତି ଅକ୍ଷୟ କୁମାର ସାହୁ, ରାଜସୁନାଖଳା ମଣ୍ଡଳ ବିଜେପି ସଭାପତି ଜ୍ୟୋତିରଞ୍ଜନ ସାହୁ, ଚାନ୍ଦପୁର ମଣ୍ଡଳ ବିଜେପି ସାଧାରଣ ସମ୍ପାଦକ ଗଣେଶ୍ୱର ମାନ୍ଧାତା,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅଭିଷେକ ସାମନ୍ତରାୟ ଓ ଚାନ୍ଦପୁର ଶକ୍ତି କେନ୍ଦ୍ର ପ୍ରମୁଖ ସୁଶାନ୍ତ କୁମାର ମଲ୍ଲିକ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ଜିଲ୍ଲା ବିଜେପି ଉପସଭାପତି ପରେଶ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମାଡ଼ୀ ବିଦୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



କୁଚିଣ୍ଡା, ୨।୧୧ (ଚତୁର୍ଭୁଜ ଜୟପୁରିଆ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଘୋଷା ଜମମାଲଗୁଡ଼ାରେ ଚଉରାସୀ ଅଗ୍ରିଆ ସମାଜ ପକ୍ଷରୁ ଧର୍ମାଡ଼ୀ ବିଦୁରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଯଥା ରୀତିନୀତି ଅନୁଯାୟୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକେ ଏକତ୍ରିତ ହୋଇଥିଲେ। ସମାଜର ସଭାପତି ଶରତ ଚନ୍ଦ୍ର ଗୌନ୍ତିଆଙ୍କ ସଭାପତିତ୍ୱରେ ସମସ୍ତ ମାଙ୍ଗଳିକ ତଥା ଧାର୍ମିକ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଆରତୀ ନାୟକ ଓ ଶରତ ଚନ୍ଦ୍ର ଗୌନ୍ତିଆ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ ପୂଜକ ପ୍ରକାଶ ପୁରୋହିତ ବୈଦିକ ମନ୍ତ୍ରୋଚ୍ଚାରଣ ସହ କଳସ ସ୍ଥାପନ, ହୋମଯଜ୍ଞ ଓ ଦେବ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପବିତ୍ର ହୋମାଗ୍ନି ଓ ମନ୍ତ୍ରଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକତାରେ ଉଦ୍ଭାସିତ ହୋଇଉଠିଥିଲା। ଏହି ସମାରୋହରେ ସମ୍ପାଦକ କୁଳମଣି ପଟେଲ, ସହ-ସମ୍ପାଦକ ବସନ୍ତ କୁମାର ପଟେଲ ଏବଂ ମହିଳା ସଭାନେତ୍ରୀ ଆରତୀ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏଥିସହ ଚଉରାସୀ ଅଞ୍ଚଳର ପ୍ରାୟ ୩୬ ଗୁଡ଼ିର ମୁଖ୍ୟ କାର୍ଯ୍ୟକର୍ତ୍ତା ଓ ଅଗ୍ରିଆ ସମାଜର ଶହ ଶହ ପ୍ରତିନିଧି ଯୋଗଦେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ସଫଳ କରିଥିଲେ। ଧର୍ମାଡ଼ୀ ବିଦୁରଙ୍କ ନୀତି, ଆଦର୍ଶ ତଥା ଧର୍ମପରାୟଣତାର ବାର୍ତ୍ତା ସମାଜରେ ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି। ସମଗ୍ର ଅଞ୍ଚଳରେ ଏହି ଉତ୍ସବକୁ ନେଇ ବେଶ୍ ଉତ୍ସାହ ଓ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି।

କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟକୁ ବର୍ଷେ ନପୁରୁଣୁ ଛାତରୁ ଖସିଲା ପ୍ଲାଷ୍ଟର



ସ୍ଥା।ଇତ୍ୟକୁ ନେଇ ଉଠିଲା ପ୍ରଶ୍ନ ବାଚୀ

ନୀଳଗିରି, ୨।୧୧(ଅକ୍ଷର ଓଡ଼ିଶା): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ପିଠାହତା ପଞ୍ଚାୟତ ଝରଣାଘାଟି ଠାରେ ୨୦୨୫ମସିହା ନଭେମ୍ବର ୨୩ତାରିଖରେ କଳିଙ୍ଗମଡେଲ ନାମରେ ଏକ ନୂତନ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଥିଲା। ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୨ଶହ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଏହି ନବନିର୍ମିତ ବିଦ୍ୟାଳୟକୁ ଏକବର୍ଷ ନପୁରୁଣୁ ବିଲ୍ଡିଙ୍ଗର ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିଥିବା ଦେଖିବାକୁ ମିଳିଛି। ଉପରମହଲାର କ୍ଲାସ ରୁମ୍ ନଂ ୭ ଓ ୧୪ ନିକଟସ୍ଥ ଛାତରେ ପ୍ଲାଷ୍ଟର ଖସି ରଡ ଦେଖାଯାଉଥିବା ବେଳେ ବିଲ୍ଡିଙ୍ଗର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏକାଡେମିକ ବିଲ୍ଡିଙ୍ଗରେ ମଧ୍ୟ ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିବାସହିତ ପାଣିସକ୍ କରି ରଙ୍ଗଛାଡ଼ି ବେରଙ୍ଗି ହୋଇଥିବା ପରିଲକ୍ଷିତ ହୋଇଛି। ବିଲ୍ଡିଙ୍ଗର ଏପରି ଅବସ୍ଥାକୁ ଦେଖି ଉକ୍ତ ଆବାସିକ ବିଦ୍ୟାଳୟରେ ପଢୁଥିବା ଅନ୍ତେବାସୀଙ୍କ ପିତାମାତା ଏବେ ଦ୍ ?ଦରେ। ସେମାନଙ୍କର ପିଲାମାନଙ୍କର ଜୀବନପ୍ରତି ବିପଦକୁ ଆଖିଆଗରେ ରଖି,ପିଲାଙ୍କୁ ଉକ୍ତ ଅନୁଷ୍ଠାନରେ ପଢ଼ାଇବା ପାଇଁ ଉଚିତ୍ ମଣୁନଥିବା କିଛି ଅଭିଭାବକ ନାମ ଗୋପନରଖି ଅଭିଯୋଗକରିଥିବା ଜଣାଯାଇଛି। ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କର ଏଥିରେ କୌଣସି ଭୂମିକା ନଥିବା ଦର୍ଶାଇଥିଲେ। ଏଥିସହ ପ୍ରାୟ ଏକବର୍ଷ ବିତିବାକୁ ଯାଉଥିଲେ ହେଁ ଏପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ମିଳିନଥିବା ଶୁଣିବାକୁ ମିଳିଛି। ଲକ୍ଷଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଯେଉଁ ଉଦ୍ଦେଶ୍ୟରେ ଏହି ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ତାହା କେତେଦୂର ସଫଳ ହୋଇଛି, ଏହି ବିଲ୍ଡିଙ୍ଗକୁ ଲକ୍ଷ୍ୟକଲେ ଜଣାପଡ଼ିବ। ପିଲାଙ୍କ ଭବିଷ୍ୟତ ସହ ଖେଳଖେଳୁଥିବା ନିର୍ମାଣକାରୀ ସଂସ୍ଥା ଏବଂ ଠିକାଦାରଙ୍କୁ ତୁରନ୍ତ କଳାତାଲିକା ଭୁକ୍ତ କରିବାସହିତ ତଦନ୍ତ ପୂର୍ବକ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ଓ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସୁବ-୨୦୨୬ ର ପ୍ରସ୍ତୁତି ବୈଠକ



ଜଳେଶ୍ୱର,୨।୧୧(ଭୂପତି ପରିଡ଼ା): ଚଳିତ ବର୍ଷ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ଓ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବର ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନ ରେ ଜଳେଶ୍ୱର ସ୍ଥିତ ଭଞ୍ଜଶ୍ରୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ମହୋତ୍ସବ କମିଟିର ଆବାହକ ତଥା ସମାଜସେବୀ କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଳେଶ୍ୱରର ବିଭିନ୍ନ ରାଜନୈତିକ ନେତୃତ୍ୱ ଓ ସମାଜସେବୀ ଏବଂ ଜଳେଶ୍ୱର ନିକଟର ଗ୍ରାମବାସୀମାନେ ଯୋଗଦେଇଥିଲେ।ନୂଆବଜାର ତାରିଣୀ ଛକ ଠାରେ ୧୨ ଦିନ ବ୍ୟାପି ହେବାକୁ ଥିବା ଏହି ମହୋତ୍ସବ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ଆସନ୍ତା ତା ୨୦/୧୨/୨୬ ରିଖ ରୁ ୩୧/୧୨/୨୬ ରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି କହିଥିଲେ। ଓଡିଶା ଓ ପଶ୍ଚିମବଙ୍ଗ ରାଜ୍ୟର ସୀମାନ୍ତ ଜଳେଶ୍ୱର। ସେଠାରେ ଏହି ମହୋତ୍ସବକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନୁମୋଦନ କରିଥିବା ବେଳେ ପ୍ରତ୍ୟେକ ଦିନ ସାଂସ୍କୃତିକ ମଞ୍ଚ, ଆଲୋଚନା ଚକ୍ର, ମୀନା ବଜାର, ଦୋଳି, ରାଜ୍ୟ ତଥା ରାଜ୍ୟବାହାରର କଳାକାର ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୀମାନ୍ତ ଅଞ୍ଚଳରେ ଲୋପ ପାଇ ଯାଇଥିବା କଳା, ସଂସ୍କୃତି ଓ ଭାଇଚାରାକୁ ଉଜ୍ଜିବିତ କରିବା ସହିତ ବିଭିନ୍ନ ପ୍ରତିଭାଧର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।ଏହି ମହୋତ୍ସବରେ ସ୍ୱାସ୍ଥ୍ୟ ଶିବିର, ରକ୍ତିଦାନ ଶିବିର, ଚକ୍ଷୁ ପରୀକ୍ଷା, କୃଷି ଓ ଶିଳ୍ପ ସମ୍ପର୍କୀତ କର୍ମଶାଳା, ଶିକ୍ଷା, ଆଦିବାସୀ, ମହିଳା, ଭିନ୍ନକ୍ଷମ ସଶକ୍ତିକରଣ, ଆଇନ୍ ପରାମର୍ଶ, ସମ୍ବାଦ ଓ ସାମ୍ବାଦିକତା, ଜଳେଶ୍ୱର ବିକାଶର ସପ୍ନ ଓ ସମ୍ଭାବନା, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପ୍ରକୃତି ସଂଗଠିତ କରାଯିବ।ଉଦ୍‌ଘାଟନୀ ଦିବସରେ ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାର ମାନଙ୍କ ଦ୍ୱାରା ସୁଶୋଭିତ ଶୋଭାଯାତ୍ରା କାଳି ମନ୍ଦିର ଠାରୁ ଆରମ୍ଭ ହୋଇ ତାରିଣୀ ଛକ ସ୍ଥିତ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଆସିବ'ର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁନିଲ କୁମାର ନାୟକ, ବନମାଳି ଧଳ, କପିଳେଶ୍ୱର ମହାନ୍ତି, ଦ୍ୱାରିକେଶ ପଟ୍ଟନାୟକ, ପ୍ରାଣକୃଷ୍ଣ ଗିରି ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜଳେଶ୍ ?ର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଦାନ୍ତୁନ ବିଧାୟକ ଅଜିତ୍ କୁମାର ଜାନା, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର ଓ ଅବସରପ୍ରାପ୍ତ ଅଧ୍ୟକ୍ଷ କାର୍ତ୍ତିକେଶ୍ ?ର ପାତ୍ରଙ୍କୁ ମୈତ୍ରୀ ଉତ୍ସବର ମୁଖ୍ୟ ପୃଷ୍ଠ ପୋଷକ ଭାବେ ସର୍ବସମ୍ମତ ଭାବେ ମନୋନୀତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ଭାବେ ପ୍ରାଣକୃଷ୍ଣ ଗିରି, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ନାୟକ, ଉପସଭାପତି ପଶ୍ଚିମବଙ୍ଗ ର ଦ୍ ?ାରିକେଶ ପଟ୍ଟନାୟକ, କିଶୋରାମ ମହାପାତ୍ର, ରତ୍ନାକର ରାୟ, କପିଳେଶ୍ ?ର ମହାନ୍ତି, ବନମାଳି ଧଳ, ସୁମନ୍ତ କୁମାର ଜେନା, ଅଶୋକ କୁମାର ଦାସ, ସୁଦ୍ଧାର୍ଥ ଶଙ୍କର ପାଳ, ସୁନିଲ ମହାନ୍ତ, ହାଡିବନ୍ଧୁ ବେହେରା, ସନ୍ତୋଷ ମହାନ୍ତ, କାର୍ମୀ ସିଂ, ସାଂସ୍କୃତିକ ସମ୍ପାଦକ ଭାବେ ସଞ୍ଜିବ କୁମାର ଦାସ, ସହ ସମ୍ପାଦକ (ସାଂସ୍କୃତିକ) ଦୁର୍ଗା ଶଙ୍କର ଆସ, ଚନ୍ଦ୍ର ମୋହନ ରାଉଳ, ସବିତା ପାଠୀ, ନିର୍ମଳା ଭୋଇ, ମୁଖପତ୍ର ସଂପାଦକ ଭାବେ ସୁଶାନ୍ତ ନାୟକ, ସହ ସଂପାଦକ ଅନନ୍ତ ଦାସ ଓ ଶିକ୍ଷକ ସୁଶାନ୍ତ ଦାସ, କୋଷାଧ୍ୟକ୍ଷ ଭାବେ ସୌଭିକ କୁମାର ଜେନା, ଅଭ୍ୟର୍ଥନା କମିଟିର ମୁଖ୍ୟ ଭାବେ ପରମିତା ସାଇଁ, ଲକ୍ଷ୍ମୀପ୍ରିୟା ଦାସ, ତୃପ୍ତିରାଣୀ ମହାନ୍ତି, କୁନ୍ତଳା ପ



ମଙ୍ଗଳବାର ୦୩।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଶାସନ ଶୁଣିଲାନି, ଚାନ୍ଦା ଓ ଶ୍ରମଦାନରେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ନନ୍ଦପୁର, ୦୨/୧୧ (ଶ୍ରୀରାମ ଖରା) : କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ କସନ୍ଦି ପଞ୍ଚାୟତ ଦାବୁଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ୨୧ଟି ପରିବାରର ଯୁବକମାନେ ଏକଜୁଟ ହୋଇ ପ୍ରାୟ ୨ କିମି ରାସ୍ତାର ମରାମତି କାମରେ ଲାଗିଛନ୍ତି। ଟ୍ରାକ୍ଟରରେ ମୋରମ ଆଣି ରାସ୍ତାରେ ପକାଇବା ସହ ନିଜେ ମାଟି ସମତଳ କରୁଛନ୍ତି। ଦୀର୍ଘଦିନ ଧରି ରାସ୍ତାର ଦୁରବସ୍ଥା ଯୋଗୁଁ ଯାତାୟାତରେ

ଏକ ମାସରୁ ଉର୍ଦ୍ଧ୍ୱ ଦିନହେଲା ଟ୍ରାନ୍ସଫର୍ମର ଅଚଳ, ଅନ୍ଧାରରେ ଦାବୁଗୁଡ଼ା



ହଇରାଣ ହେଉଥିବା ଗ୍ରାମବାସୀଙ୍କ ପାଇଁ ଏହା ଏକ ବାଧ୍ୟତାମୂଳକ ପଦକ୍ଷେପ ପାଲଟିଛି। କେବଳ ରାସ୍ତା ନୁହେଁ, ଗାଁର ବିଦ୍ୟୁତ୍ ସେବା ମଧ୍ୟ ଠପ୍। ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଏକ ମାସରୁ ଊର୍ଦ୍ଧ୍ୱହେଲା ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଅଭିଯୋଗ କରିବା ସତ୍ତ୍ୱେ ରାସ୍ତାର ଦୁରବସ୍ଥା ଦର୍ଶାଇ ଟିପିଏସ୍ଓଡିଏଲ୍ କର୍ମଚାରୀ ଗାଁକୁ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ ଓ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ ସମାଧାନ ହୋଇନଥିବା ସେମାନେ କହିଛନ୍ତି। ଫଳରେ ନିଜ ଗାଁର ରାସ୍ତା ନିଜେ ମରାମତି କରିବାକୁ ବାଧ୍ୟ ହୋଇଛନ୍ତି। ଗ୍ରାମବାସୀ ସଦା ଗୁଣ୍ଡା, ରଙ୍ଗନାଥ ପାଙ୍ଗି, ସାଧୁ ଖରା, ବିଟୁ ଖରା ଓ ଲୁକୁ ଖରା ପ୍ରମୁଖ ଏହି ସମସ୍ୟାର ତୁରନ୍ତ ସମାଧାନ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଗ୍ରାମବାସୀଙ୍କ ଅଭିଯୋଗ ଓ ଶ୍ରମଦାନରେ ରାସ୍ତା ମରାମତି ଖବର ପାଇ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ପଞ୍ଚାୟତ ପିଇଓ ଓ ଯନ୍ତ୍ରୀଙ୍କୁ ଗାଁ ଏବଂ ରାସ୍ତାର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ଭିବିରାମଜି ଯୋଜନାରେ ରାସ୍ତା ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।ତେବେ ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ କେବଳ ରିପୋର୍ଟ ଓ ଆଶ୍ୱାସନ ନୁହେଁ, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଦୁର୍ଗମ ଅଞ୍ଚଳର ଏହି ଗ୍ରାମରେ ରାସ୍ତା ଓ ବିଦ୍ୟୁତ୍ ସେବା କେବେ ସ୍ୱାଭାବିକ ହେବ, ତାହାକୁ ନେଇ ଏବେ ଅପେକ୍ଷାରେ ଅଛନ୍ତି ଦାବୁଗୁଡ଼ାବାସୀ।

ନୂଆପଡ଼ା ଜିଲ୍ଲାର ୬୪ ଜଣଙ୍କୁ ମିଳିଲା ଶିକ୍ଷକତାରେ ନିଯୁକ୍ତି



ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ୪୩ ନବନିଯୁକ୍ତ ସେବକ/ସେବିକାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ନୂଆପଡ଼ା, ୦୨/୧୧-(ଅକ୍ଷର ଓଡିଶା) ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଅଭାବ ଦୂର କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ନିଯୁକ୍ତି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ମୋଟ ୨,୦୬୭ ଜଣ ନବନିଯୁକ୍ତ ସେବକ/ସେବିକା ଏବଂ ଜନଜାତି ଭାଷା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି।ଏହି ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି ଅଡିଟୋରିୟମଠାରେ ଆୟୋଜିତ ରାଜ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ରଣ ମାଝୀ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।ଏହି ନିଯୁକ୍ତି ପ୍ରକ୍ରିୟାରେ ନୂଆପଡ଼ା ଜିଲ୍ଲା ପାଇଁ ମୋଟ ୬୪ ଜଣ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ପ୍ରାର୍ଥୀ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ନିଯୁକ୍ତି ପତ୍ର ଗ୍ରହଣ କରିଥିବାବେଳେ ଅବଶିଷ୍ଟଙ୍କ ମଧ୍ୟରୁ ୪୩ ଜଣଙ୍କୁ ନଭେମ୍ବର ୧ ତାରିଖରେ ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତି ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।ଏହି ଅବସରରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଗଣେଶ୍ୱର କହ୍ନର, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ କାଳୀକିଙ୍କର ବିଶ୍ୱାଳ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକ ପାଇଁ ନବନିଯୁକ୍ତ ୪୩ ଜଣ ସେବକ/ସେବିକାଙ୍କୁ ଏହି ଅବସରରେ ନିଯୁକ୍ତି ପତ୍ର ହସ୍ତାନ୍ତର କରାଯାଇଥିଲା।

କଣ୍ଟିଲୋ ପ୍ରିମିୟର ଲିଗ : ଶତପଥି ଲାୟନ୍ସ ଓ ରୟାଲ କିଙ୍ଗ୍ସ ବିଜୟୀ



କଣ୍ଟିଲୋ ୦୨/୧୧ (ଅକ୍ଷର ଓଡ଼ିଶା): କଣ୍ଟିଲୋ ସାଇ କୃପା କମିଟି ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ୫ମ ସଂସ୍କରଣ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୮ମ ଲିଗ ମ୍ୟାଚରେ ଶତପଥି ଲାୟନ୍ସ ଓ ଆଜିର ୨ୟ ତଥା ୯ମ ଲିଗ ମ୍ୟାଚ ରେ ଦ ରୟାଲ କିଙ୍ଗସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡ ରେ ପ୍ରବେଶ କରିଛନ୍ତି। ୧୫ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଟସ ଜିତି ପ୍ରଥମେ ବ୍ୟାଟିଂ କରି ପାୱାର ହିଟର କ୍ଲବ ୧୪. ୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଶତପଥି ଲାୟନ୍ସ ୧୩ଓଭର ରେ ୩ଉଇକେଟ ବିନିମୟ ରେ ଆବଶ୍ୟକ ରନ କରି ବିଜୟୀ ହୋଇଛି ।।ବିଜୟୀ ଦଳର ନିହାର ରଞ୍ଜନ ସାହୁ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ତଥା ୯ମ ଲିଗ ମ୍ୟାଚ ରେ ଦ ରୟାଲ କିଙ୍ଗସ କ୍ଲବ ,ଈଶାନ ରୟାଲ କୁ ୨୦ରନ ରେ ପରାସ୍ତ କରିଛି। ପ୍ରଥମେ ଟସ ଜିତି ଈଶାନ ରୟାଲସ ଟିମ ବ୍ୟାଟିଂ କରି ୧୪. ୨ଓଭର ରେ ସମସ୍ତ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଜବାବ ରେ ଦ ରୟାଲ କିଙ୍ଗସ ୧୨.୩ଓଭର ରେ ୫ଉଇକେଟ ହରାଇ ଆବଶ୍ୟକ ରନ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ ର ଅନନ୍ତ ପ୍ରସାଦ ସାହୁ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ।ପ୍ରଥମ ମ୍ୟାଚ ଅଶୋକ ବାରିକ ଓ ରାସେଶ୍ୱର ଦଳେଇ, ଦ୍ୱିତୀୟ ମ୍ୟାଚ ଶୁଭ୍ରାଂଶୁ ମହାରଣା ଓ ଚନ୍ଦନ ଦଳେଇ ମ୍ୟାଚ ପରିଚାଳନା କରିଥିଲେ।ଭାଷ୍ୟକାର ଶେଷଦେବ ନାୟକ ଓ ସ୍କୋରର ରୂପେ ଗୌରାଙ୍ଗ ସେଠୀ ସହାୟତା କରିଥିଲେ। ଆଜି ମୁଖ୍ୟ ଅତିଥି ରୂପେ ନୀଳମାଧବ ମନ୍ଦିର ସେବାୟତ ସଂଜୀବ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ।

ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମହାସମରୋହରେ ଅନୁଷ୍ଠିତ

ଓଡ଼ଗାଁ, ୦୨/୧୧ (ଅକ୍ଷର ଓଡ଼ିଶା) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୋଡିପଡ। ସର୍ଦ୍ଦାର ବଲ୍ଲଭ ଉଚ୍ଚ ବିଦ୍ୟାପୀଠ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପନ୍ଦରଟି କ୍ଲଷ୍ଟର ରୁ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନେ ଓ ସେମାନଙ୍କ ସହାୟକ ଶିକ୍ଷକ ମାନଙ୍କ ସହିତ ଉପସ୍ଥିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ପ୍ରତିଟି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ମାନେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବେ । ପନ୍ଦରଟି କ୍ଲଷ୍ଟର ରୁ ପନ୍ଦରଟି ନୃତ୍ୟ ଦଳ ଆସି ଅତି ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରି ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ହଜାର ହଜାର ଦର୍ଶକ ସୁରଭିର ସମସ୍ତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ।ଏହି କାର୍ଯ୍ୟକ୍ରମ ଓଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ପିଙ୍କୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ରଣପୁର ବିଧାୟିକା ତଥା ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ,ମୁଖ୍ୟ ବକ୍ତା ଭାବରେ ନୟାଗଡ଼ ଜିଲ୍ଲା ପରିଷଦର ଅଧକ୍ଷ ଇଁ ଦେବାଶିଷ ପଟ୍ଟନାୟକ ,ସମ୍ମାନିତ ଅତିଥି ଭାବରେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ,ଜିଲ୍ଲାପରିଷଦ ସଦସ୍ୟା ବିଜୟଲକ୍ଷ୍ମୀ ସାହୁ, ଚିନ୍ମୟୀ ଦାସ ଓ ସଂଯୁକ୍ତ ପଢିଆରି,ଓଡ଼ଗାଁ ବ୍ଲକ ଶିକ୍ଷକ ସଂଘ ସଭାପତି ଭକ୍ତାରଞ୍ଜନ ମିଶ୍ର ,ସହ ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ସନ୍ତୋଷ କୁମାର କର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘନଶ୍ୟାମ ରାଉତ ପ୍ରଭୁତି ମଞ୍ଚାସିନ ଥିଲେ । ଅତିଥି ମାନକ ଦ୍ୱାରା ପ୍ରଭୁ ଜଗନ୍ନାଥ ,ବଳଭଦ୍ର ,ମା ସୁଭଦ୍ରାଙ୍କ ନିକଟରେ ପୁଷ୍ପ ଦୀପ ଓ ନୈବେଦ୍ୟ କରାଯାଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ମାନକୁ ଶାଲ ଓ



ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା ।ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇ ପରିବେଶକୁ ରସାଣିତ କରାଯାଇଥିଲା ।ସୁରଭି ଛାତ୍ର ଛାତ୍ରୀ ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହିତ ସାମାଜିକ ସାଂସ୍କୃତି ପ୍ରଦାନରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ସୁରମା ପାଢ଼ୀ କହିବା ସହିତ ଅନ୍ୟାନ୍ୟ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ସିଆରସିସି ରାଜେଶ କୁମାର ଷଡ଼ଙ୍ଗୀ ,ଶ୍ରୀଧର ପରିଡ଼ା ଓ ଶିକ୍ଷକ କବି ଗୋଦାବରୀ ବସନ୍ତିଆ ମଞ୍ଚ ପରିଚାଳନା କରିଥିଲେ । ଓଡ଼ଗାଁ ବ୍ଲକର ସମସ୍ତ ସି ଆର୍ ସି ସି , ଶିକ୍ଷକ ନେତା ନରେଶ ପାଣିଗ୍ରାହୀ ,ରାଜକୁମାର ସେଠୀ , ତ୍ରିନାଥ ପ୍ରଧାନ ଓ ଗୋଡ଼ିପଡ଼। ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳ ହୋଇ ପାରିଥିଲା ।

ବେଲଗୁଣ୍ଡାରେ ବନ୍ୟା ସ୍ଥିତ ଅନୁଧ୍ୟାନ କଲେ କଂଗ୍ରେସ ନେତା : ସ୍ଥାୟୀ ସମାଧାନ ଦାବି



ବେଲଗୁଣ୍ଡା-୦୨ /୧୧(ଅକ୍ଷର ଓଡିଶା)-ଅର୍ଣ୍ଣବ ବାତ୍ୟା ପରବର୍ତ୍ତୀ ବେଲଗୁଣ୍ଡା ବ୍ଲକ୍‌ରେ ମଧ୍ୟ ବ୍ୟାପକ କ୍ଷତି ଘଟାଇଥିବାବେଳେ ବାତ୍ୟାଠାରୁ ମଧ୍ୟ ବନ୍ୟାର ଦୁର୍ଦ୍ଦଶା ଅଧିକ ଭୟାବହ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ସୋରଡ଼ା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ହରି କୃଷ୍ଣ ରଥ ବେଲଗୁଣ୍ଡା ବ୍ଲକ୍ର ବିଭିନ୍ନ ବନ୍ୟାପ୍ରବଣ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଜନସାଧାରଣଙ୍କ ଦୁଃଖସୁଖ ବୁଝିଛନ୍ତି। ଶ୍ରୀ ରଥ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଇଙ୍ଗିନାଠି ଓ ମନ୍ଦାର ଗ୍ରାମକୁ ଯାଇ ସେଠାକାର ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବନ୍ୟା ଯୋଗୁଁ ଶହ ଶହ ଏକର ଜମିର ଧାନ ତଥା ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ଉପୁଜିଥିବା ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସେ ପ୍ରଶାସନ ନିକଟରେ ଦୃଢ଼ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।ଏହି ଗସ୍ତ ସମୟରେ ତାଙ୍କ ସହିତ ସୋରଡ଼ା ବ୍ଲକ ସଭାପତି ବୁଦ୍ଧଦେବ ମଲିକ, ପଶ୍ଚିମ ଗଞ୍ଜାମ କଂଗ୍ରେସ ସେବାଦଳ ସାଧାରଣ ସମ୍ପାଦକ ବିନାୟକ ଗୌଡ଼, ପୂର୍ବତନ ସରପଞ୍ଚ ତ୍ରିନାଥ ଗୌଡ଼, ଏବଂ ବେଲଗୁଣ୍ଡା ସହରର ଯୁବ କଂଗ୍ରେସ ନେତା ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରାଜକନିକା କପ ଉଦ୍‌ଘାଟିତ : କିଶୋର କ୍ଲବ ବିଜୟୀ

ରାଜକନିକା, ୦୨ /୧୧(ନୁରେଇ ଖାନ) ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ୪୫ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ କିଶୋର କ୍ଲବ ଭୁବନେଶ୍ୱର ବନାମ ୟୁନାଇଟେଡ଼ କ୍ଲବ ଭଦ୍ରକ ମଧ୍ୟରେ ହୋଇଥିଲା । ଏଥିରେ କିଶୋର କ୍ଲବ ଭୁବନେଶ୍ୱର ୟୁନାଇଟେଡ଼ କ୍ଲବ ଭଦ୍ରକ କୁ ୩ - ୨ ଟାଇବ୍ରେକର ଗୋଲ ରେ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲ ରେ ପ୍ରବେଶ କରିଛି । ଅନୁଷ୍ଠାନ ର ଉପଦେଷ୍ଟା ସର୍ଗତ ପ୍ରଦ୍ୟୋତ କୁମାର ଦେଓ ଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ମହାକାଳପଡା ବିଧାୟକ ଡ଼. ଦୁର୍ଗା ପ୍ରସାଦ ନାୟକ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାପତି ତଥା ଆଲି ନିର୍ବାଚନ ମଣ୍ଡଳୀ ବିଧାୟକ



ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲି, ସତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ, ବରିଷ୍ଠ ମେରୁଦଣ୍ଡ ଅସ୍ଥି ଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ରାଉତ, ଶିଳ୍ପପତି ଇଂ ପ୍ରମୋଦ ସିଂ, ଅବସର ପ୍ରାପ୍ତ ରାଜ୍ୟ ମତ୍ସ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରତାପ ରଞ୍ଜନ ରାଉତ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରବୀର କୁମାର ଦେଓ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ଅନୁଷ୍ଠାନ ର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଓ ଇଂ ପ୍ରଶାନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ଡ଼. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ ଏବଂ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗଣେଶ୍ୱର ସିଂହ ରାମ ଚନ୍ଦ୍ର ବେସ୍ରା , ସୁକାନ୍ତ ସିଂହ, ମାନସ ବିଶ୍ୱାଳ ଆଦି ଖେଳ ପରିଚାଳନା କରିଥିବା ବେଳେ, ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ ।

ମାଲପଡ଼ା ଗ୍ରାମ ନିକଟ ପୋଲ ତଳୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର, ଅଞ୍ଚଳରେ ଚାଞ୍ଚଲ୍ୟ



ବଲାଙ୍ଗିର୦୨/୧୧ (ଦେବେନ୍ଦ୍ର ପୋଡ଼) ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ବାହାବଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଲପଡ଼ା ଓ ତଅଁଳା ଗ୍ରାମ ର ନିକଟରେ ଝରିଆ ନାଳ ଏକ ପୋଲ ତଳେ ଥିବା ପାଣିରୁ ଜଣେ ବୃଦ୍ଧା ଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ନିକଟରେ ଏକ ସାଇକେଲ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଆଖପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସ୍ଥାନୀୟ ଲୋକେ ଦେଖି ଘଟଣା ସମ୍ପର୍କରେ ଖବର ପାଇ ବେଲପଡ଼ା ପୁଲିସ ଖବର ଦେଇଥିଲେ ।ଖବର ପାଇ ତୁରନ୍ତ ଥାନା ଅଧିକାରୀ ଅନନ୍ତ ପଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇ



ମଙ୍ଗଳବାର ୦୩।୧୧।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

ଉଚିତ୍ ସଂସ୍କାର ସହିତ ସୁସ୍ଥ ଶିଶୁ ସମାଜ ଗଠନ ପାଇଁ ମାତୃ କର୍ମଶାଳା



ଅନ୍ତରଙ୍ଗ, ୨/୧୧(ଅକ୍ଷର ଓଡ଼ିଶା)ଅନ୍ତରଙ୍ଗ କୁଅଁରପୁର ସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି, ଏଥିରେ ଶିଶୁବାଟିକାର ୮୦ ଜଣ ମା' ଓ ୫୯ ଜଣ ଶିଶୁ ଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷୟତ୍ରୀ ନର୍ମଦା ଜୟନ୍ତୀ ଦେବୀ, ବିଦ୍ୟାଳୟ ର ସଭାପତି ରାମନାଥ ପରିଡା, ସମ୍ମାନିତ ଅତିଥି ଶିକ୍ଷାବିତ ସୁରେନ୍ଦ୍ର ସାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଶିଶୁ ମାନଙ୍କୁ ନେଇ ସୁନ୍ଦର ସାସ୍ଥ୍ୟ ସମାଜ ଗଠନରେ ମା' ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଶିଶୁ ମାନଙ୍କ ଶିକ୍ଷା ଗ୍ରହଣ ରେ ପ୍ରତ୍ୟେକ ମା' ଙ୍କ ଭୂମିକା ଅତୁଳନୀୟ ବୋଲି ମତାମତ ଦେଇଥିଲେ କ୍ଷ ସେହିପରି ଉଦଯାପନୀ ଉତ୍ସବ ରେ ବିଦୂତ ପରିଷଦ ସମ୍ପାଦକ ପ୍ରଭାକର ନାୟକ ଯୋଗ ଦେଇ ଶିଶୁ ମାନଙ୍କ ର ସର୍ବାଙ୍ଗୀନ ଉନ୍ନତି ରେ ମା' ମାନଙ୍କର ସତନ୍ତ୍ର ଭୂମିକା ରହିଛି ବୋଲି ଆଲୋଚନାଚକ୍ର ରେ ଉଦବୋଧନ ଦେଇଥିଲେ,ସେହିପରି ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ କୋଷାଧକ୍ଷ ମା' ଓ ଶିଶୁ ମାନଙ୍କ ସୁସ୍ଥ ସମାଜ ଗଠନ ଉପରେ ଉପଦେଶ ଦେଇଥିଲେ, ଆଜିର ଶିଶୁ ଆସନ୍ତା କାଲି ରେ ଭବିଷ୍ୟତ ଆଉ ଏହି ସୁନ୍ଦର ଶିଶୁ ସମାଜ ଗଠନ ରେ ପ୍ରତ୍ୟେକ ମା ' ଦାୟିତ୍ୱସମ୍ପନ୍ନ ଭାବେ ଗ୍ରହଣ କଲେ ଏହି ଶିଶୁ ମାନଙ୍କୁ ନେଇ ଏକ ସୁନ୍ଦର ଭବିଷ୍ୟତ ରେ ଚିତ୍ର ଭବିଷ୍ୟତରେ ଆଙ୍କି ହୋଇପାରିବ ବୋଲି ଅନେକ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଉଦବୋଧନ କରିଥିଲେ, ଏହି କାର୍ଯ୍ୟକ୍ରମ ରେ ଶିଶୁ ମାନଙ୍କର ୪ ଟି କଳସ ଓ ମା ମାନଙ୍କ ମଧ୍ୟ ରେ ଝୋଟି ଅଙ୍କା, ଲକ୍ଷଭେଦ ବେଲୁନ ଫୁଙ୍କା ପ୍ରତିଯୋଗିତା ଆୟୋଜିତ ହୋଇଥିଲା, କୃତି ମା' ମାନଙ୍କୁ ସଭା ଶେଷ ରେପୁରସ୍କୃତକରାଯାଇଥିଲା,ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ବିଦ୍ୟାଳୟ ରେ ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ କରିଥିବା ବେଳେ ଆଚାର୍ଯ୍ୟ ଦୀପ୍ତି ମଲ୍ଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ପବିତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

ବିଜୁ ଛାତ୍ର ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ସଭା



ରେଢ଼ାଖୋଲ ୨/୧୧ (ରାଜେଶ ପ୍ରଧାନ) - ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟଲାଭ କରିଥିବା ବିସିଜେଡି ପ୍ରାର୍ଥୀମାନଙ୍କୁ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ସମ୍ବର୍ଦ୍ଧିତ କରିଛନ୍ତି । ଏବଂ ସମସ୍ତ ନିର୍ବାଚିତ ଛାତ୍ର ନେତୃତ୍ୱଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି । ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରାଜନୈତିକ ଗୋଟି ଚାଳନାରେ ବିରୋଧୀ ଦଳକୁ ପରାଜୟର ସ୍ୱାଦ ଚାଖୀବାକୁ ପଡ଼ିଥିଲା । ସମ୍ବର୍ଦ୍ଧନା ଅବସରରେ ସେ କହିଲେ ଯେ କଡା ମୁକାବିଲାର ସମ୍ମୁଖୀନ ହେବା ସହ ପ୍ରଲୋଭନର ବଶବର୍ତୀ ନହୋଇ ଯେଉଁ ବିଜୟଲାଭ କରିଛନ୍ତି, ଏହାର ଶ୍ରେୟ ଓଡ଼ିଶାର ଲୋକପ୍ରିୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯାଇଛି । ଶ୍ରୀ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀମାନଙ୍କ ମୌଳିକ ସମସ୍ୟା ଓ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।ଏହି ସଭା ରେ ଭୀମ ଭୋଇ ମହାବିଦ୍ୟାଳୟ ର ଛାତ୍ର, ଛାତ୍ରୀ, ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, ସାଇନ୍ସ ସୋସାଇଟି, କ୍ରୀଡା ସମ୍ପାଦକ ଓ ରେଢ଼ାଖୋଲ ବ୍ଲକ ଅଧକ୍ଷ ଉପସ୍ଥିତ ଥିଲେ ।

ଆସିକା ମେଡିକାଲର ଦୁରବସ୍ଥା ଅନୁଧାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ବିଧାୟକ

ବନ୍ୟା ପରେ ସ୍ୱାଭାବିକ ରୋଗୀସେବା ଉପରେ ଗୁରୁତ୍ୱ, ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା ନିଷ୍ପତ୍ତି



ଆସିକା, ୦୨/୧୧/(ଅକ୍ଷର ଓଡିଶା)ଚଳିତ ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଚିକିତ୍ସା ସେବା ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ମେଡିକାଲର ବାସ୍ତବ ସ୍ଥିତି ଅନୁଧାନ କରିବା ସହ ରୋଗୀସେବାକୁ କିପରି ତୁରନ୍ତ ସାଭାବିକ କରାଯାଇପାରିବ, ସେନେଇ ରାଜ୍ୟ ସାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଆସିକା ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି ।ଏହି ଅନୁଧାନ ସମୟରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାକାନ୍ତ ସାହୁ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବାଲଗୋପାଳ ବେହେରା, ବିଡିଓ ରାଜେନ୍ଦ୍ର ନାୟକ, ତହସିଲଦାର ସଙ୍ଗୀତା ସେନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ସମେତ ବହୁ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ ।ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଚିକିତ୍ସାଳୟର ବନ୍ୟା ପରବର୍ତ୍ତୀ ସ୍ଥିତି ବୁଲି ଦେଖିବା ସହ ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବାର ସୁବ୍ୟବସ୍ଥା ଏବଂ ରୋଗୀସେବାକୁ ସାଭାବିକ କରିବା ନେଇ ଆଲୋଚନା କରିଥିଲେ । ବନ୍ୟା ଯୋଗୁଁ ଚିକିତ୍ସାଳୟର ବିଭିନ୍ନ ବିଭାଗ ଓ ଭିତ୍ତିଭୂମି ପ୍ରଭାବିତ ହୋଇଥିବାରୁ ରୋଗୀମାନଙ୍କୁ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ହେବାକୁ ନପଡ଼େ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଅନ୍ୟପକ୍ଷରେ, ମେଡିକାଲର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କିଛିଦିନ ପାଇଁ ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅସ୍ଥାୟୀ ଭାବେ ରୋଗୀସେବା ଯୋଗାଇବାକୁ ସ୍ଥିର କରାଯାଇଛି ।

ମାଆ ଛେଉଣ୍ଡ ୪ ଅନାଥଙ୍କୁ ଉଦ୍ଧାରକଲା ଶିଶୁସୁରକ୍ଷା ବିଭାଗ

ଦଶମନ୍ତପୁର, ୦୨/୧୧(କଇନ ଗରଡ଼ା) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଲୁଲୁା ପଞ୍ଚାୟତ ସ୍ଥିତ ପଦୁଗୁଡ଼ା ଗାଁର ୪ ଅନାଥ ଛୁଆଙ୍କୁ ଉଦ୍ଧାର କରିଲା ଶିଶୁସୁରକ୍ଷା ବିଭାଗ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଂଗୀତ ବାଘ,ଦଶମନ୍ତପୁର ଶିଶୁ ବିକାଶ ଯୋଜନା ଅଧିକାରୀ କବିତା ନାଗ ଙ୍କ ସମେତ ସ୍ଥାନୀୟ ସମିତି ସଭ୍ୟ ମୋହନ ସାଉଁନ୍ତା ପଦୁଗୁଡ଼ା ଗ୍ରାମକୁ ଯାଇ ରାବ ସାଉଁନ୍ତାଙ୍କ ବଡ଼ ଝିଅ ଦୀପା ସାଉଁନ୍ତା(୧୧) ପୁଅ ଆରିଆ ସାଉଁନ୍ତା(୭)ଝିଅ ଦେବି ସାଉଁନ୍ତା(୫) ଓ ଶ୍ରୀୟା ସାଉଁନ୍ତା(୩)ଙ୍କୁ ସୁରକ୍ଷିତ ଭାବେ ଶିଶୁ ସୁରକ୍ଷା କେନ୍ଦ୍ରକୁ ନିଆଯାଇଥିବା ଜଣାପଡିଛି । ସୂଚନା ପ୍ରକାରେ କିଛି ଦିନ ତଳେ ପଦୁଗୁଡ଼ା ଗ୍ରାମରେ ଏକ ଦୁଃଖଦ ଏବଂ ହୃଦୟ ବିଦାରକ ଘଟଣା ଘଟିଥିଲା ଘଟଣାଟି ଏଭଳି ଥିଲା ଯେ ସାମୀ ଜଣକ ସ୍ତ୍ରୀକୁ ବିଭତ୍ସ ହତ୍ୟା କରିବା ପରେ ମାଆ ଛେଉଣ୍ଡ ହୋଇଗଲେ ୪ ଶିଶୁ । ମାଆଙ୍କ ମୃତ୍ୟୁ ଏବଂ ବାପା ଆସାମୀ ସାଜି ଜେଲ ହାଜତକୁ ଯିବା ପରେ ବେସାହାରା ହୋଇପଡିଲେ ୪ ଅନାଥ ଶିଶୁ । ସୂଚନା ପାଇବା ପରେ ଜିଲ୍ଲା ଶିଶୁସୁରକ୍ଷା ବିଭାଗ ପହଂଚି ସେମାନଙ୍କୁ ଉଦ୍ଧାର କରିଛି । ଏ ସମ୍ପର୍କରେ ଆମେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଂଗୀତା ବାଘ ଙ୍କୁ ଯୋଗାଯୋଗ କରିବାରୁ ଶିଶୁ ମାନେ ଏବେ ସୁରକ୍ଷିତ ଭାବେ ଶିଶୁସୁରକ୍ଷା କେନ୍ଦ୍ରରେ ରହିଥିବା ସେ କହିଛନ୍ତି ।

ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଶଙ୍କର ବକ୍ସିଙ୍କ ସ୍ମୃତି ଚାରଣ ସଭା



ପାରଳାଖେମୁଣ୍ଡି, ୨/୧୧ (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ସର୍ଗତ ଶଙ୍କର ପ୍ରସାଦ ବକ୍ସିଙ୍କ ଆକସ୍ମିକ ବିୟୋଗରେ ଶ୍ରୀକୃଷ୍ଣଚନ୍ଦ୍ର ସଞ୍ଜଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ଶୋକାକୁଳ ପରିବେଶରେ ପୂରାତନ ଛାତ୍ର ସଂସଦ ଅତିଥି ଭବନ ପରିସରରେ ମହାବିଦ୍ୟାଳୟର ଅଧକ୍ଷ ରାଧାକାନ୍ତ ଭୂୟାଁ, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରି ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ସମ୍ପାଦକ ଆଦର୍ଶ ଦାସ ପ୍ରମୁଖ ମଞ୍ଚାସୀନ ରହି ସର୍ଗତ ବକ୍ସିଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର: ଦୁଇ ଛାତ୍ରଙ୍କୁ ଲାପଟପ୍ ପ୍ରଦାନ

କେସିଙ୍ଗା, ୨/୧୧ (ଅକ୍ଷର ଓଡ଼ିଶା): ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ସୋମବାର ଭବାନୀପାଟଣା ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଶିବିରରେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।ଶିବିରରେ ମୋଟ ୧୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୧୧ଟିର ତତ୍କାଳ ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡ଼ିକର ତଦନ୍ତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି । ଏହାସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୬ ଜଣ ଓ ରେଡକ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଛି ।ଏହି ଅବସରରେ ମହାରାଣୀ କୁଣ୍ଡୁରିକା ମୋହିନୀ ଦେବୀ ମହାବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ର ପ୍ରେମଲାଲ ଠାକୁର ଏବଂ କେସିଙ୍ଗା ମହାବିଦ୍ୟାଳୟର ଛାତ୍ର ସୁମନ୍ତ ସାହୁଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଯୋଜନାରେ ଜିଲ୍ଲାପାଳ ଲାପଟପ୍ ପ୍ରଦାନ କରିଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ଜିଲ୍ଲା ପରିଷଦର ସିଡିଓ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଆଶିନି ଏ.ଏଲ୍., ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ଚାଷ କ୍ଷୟ କ୍ଷତି ପୂରଣ ପାଇଁ ତହସିଲଦାର୍‌ଙ୍କ ନିକଟରେ ଚାଷୀ

କଳାହାଣ୍ଡି, ୨/୧୧ (ରାମ କୁମାର ସେନାପତି) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ନକଟି କାନି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ପ୍ରତେକ୍ ଗ୍ରାମର ଚାଷୀ ମାନଙ୍କ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଥିବା ବେଳେ ଜଙ୍ଗଲ ଜମି ରେ ଥିବା ଧାନ ଚାଷ ନଷ୍ଟ ହୋଇଯାଇଛି, ଗତ ବର୍ଷ ରେ ମଧ୍ୟ ଚାଷୀ ମାନଙ୍କ ଧାନ ଚାଷ ନଷ୍ଟ ହୋଇ ଥିବାରୁ ଇନ୍‌ସୁରେନ୍‌ସ ମିଳାଇ ନାହି, ଏହି ବର୍ଷରେ ମଧ୍ୟ ଗତ ଲଘୁ ଚାପ ଜନିତ ବର୍ଷାରେ ଅନେକ ଚାଷୀଙ୍କ ଚାଷ ନଷ୍ଟ ହୋଇଯାଇଛି, ଗରୀବ ଚାଷୀ ମାନେ ନିଜ ନିଜର ପରିବାରଙ୍କ ପ୍ରତିପୋଷଣ କରିବାରେ ଅସମର୍ଥ, ତହସିଲଦାର୍ ଚନ୍ଦନ କୁମାର ନାଇକ ତୁରନ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ହେଲେ ଆଜି ରାଜସ୍ୱ ନିରୀକ୍ଷକ ରତିନ୍ଦ୍ର ନିଆଲ ଓ ଗ୍ରାମ୍ୟ କୃଷି ଅଧିକାରୀ ରେବତୀ ରାଉତ ଆସି ପତେଲ ପଡ଼ା କୁ ଆସି ତଦନ୍ତ କରି ଥିଲେ ବୋଲି ପୂର୍ବତନ ସେନାପତି ଯତୀନ୍ଦ୍ର ସେନାପତି, ରତିନ୍ଦ୍ର ମାଝି, ମହୋନ ମାଝୀ, ମଣ୍ଟୁ ମାଝି, ଅମର ମାଝୀ, ଦେବେନ୍ଦ୍ର ମାଝୀ ପ୍ରମୁଖ ପ୍ରକାଶ କରି ଥିଲେ, ସରକାର ଙ୍କ ତରଫରୁ କି ଭଳି ସହାୟତା ରାଶି ଯୋଗାଇ ଦେବେ ବୋଲି ବୁଦ୍ଧି ଜିବି ମହଲରେ ଆଲୋଚନା ହେଉଛି ।

ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଦୁଇ ମାସ ହେଲା ଅନ୍ଧାରରେ ୨୫ ପରିବାର

ଫିରିଙ୍ଗିଆ, ୨/୨୨(ମନୋଜ ସାହୁ)କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତ ଅନ୍ତର୍ଗତ ଅକାତ୍ରପା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁଁ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ ୨୫ଟି ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ଅନ୍ଧାରରେ ଦିନ କାଟୁଛନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ିଯିବା ପରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଛନ୍ତି । ମାତ୍ର ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନାହିଁ । ଫଳରେ ଗ୍ରାମର ୨୫ଟି ପରିବାର ବିଦ୍ୟୁତ୍ ସଂଯୋଗ ନଥିବାରୁ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ବିଦ୍ୟୁତ୍ ଭଳି ଏକ ମୌଳିକ ସେବାରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇ ରହିଥିବାରୁ ଗ୍ରାମବାସୀ ତୁରନ୍ତ ଏହାର ସମାଧାନ ଦାବି କରିଛନ୍ତି । ଏଥିପ୍ରତି ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଅକାତ୍ରପା ଗ୍ରାମରେ ଯଥାଶୀଘ୍ର ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବା ସହ ବିଦ୍ୟୁତ୍ ସେବା ସାଭାବିକ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

ଗୁଆଳିଗାଁ ମୌଜାର ଅବରୋଧ ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଗଣଧାରଣା



ରାଜକନିକା, ୨/୧୧(ନୁରେଇ ଖାନ) କନିକା ତହସିଲ ଅଧୀନ ଗୁଆଳିଗାଁ ମୌଜାର ଥିବା ସମସ୍ତ ଶ୍ମଶାନ, ପାଣିନାଳ, ଅନାବାଦୀ, ନୟନଜୋର, ଗୋଚର, ସର୍ବସାଧାରଣ ରାସ୍ତା ଆଦି ଜବରଦଖଲ ହୋଇ ବ୍ୟକ୍ତିଗତ ମାଲିକାନାକୁ ଯିବା ଭଳି ଅବସ୍ଥାରେ ଅନ୍ତ ଘଟାଇ ଏହି ସବୁ ଜବରଦଖଲ ହଟାଇବାକୁ ଆଜି କନିକା ତହସିଲ ଅଫିସରେ ଗ୍ରାମବାସୀ ଧାରଣା ଜାରି ରଖିଛନ୍ତି । ଗତ ୨୯ ତାରିଖ ଦିନ ଗଣଧାରଣା ଦେବାକୁ ସୂଚନା ଦେଇଥିଲେ ବି କନିକା ତହସିଲ ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ଆଜି ସକାଳ ୧୦ ଟାରୁ ଗୁଆଳିଗାଁ ରେ ଲୋକେ ତହସିଲରେ ଧାରଣା ଦେଇଥିଲେ । ତହସିଲଦାର ଅନୁପସ୍ଥିତ ଥିବାରୁ ଅଫିସ ପକ୍ଷରୁ ଧାରଣା ପ୍ରତ୍ୟାହାର କରିବାକୁ ଆଲୋଚନା କରିବା ବେଳେ ଧାରଣାକାରୀ ଲିଖିତ ପ୍ରତିଶୃତି ମାଗିବାରୁ ତାହା ମିଳି ନ ଥିଲା, ଫଳରେ କାର୍ଯ୍ୟାଳୟ ବନ୍ଦ ହେବା ଯାଏ ଧାରଣା ଜାରି ରହିଥିଲା । ଆଜିର ଧାରଣାରେ ଅଶୋକ ନାୟକ, ପ୍ରଦୀପ ମାଝୀ, ସୋମନାଥ ମାଝୀ,ଦିଲ୍ଲୀପ ବେହେରା, ଲମ୍ବୋଦର ନାୟକ, ପ୍ରଫୁଲ୍ଲ ନାୟକ, ଭାଗିରଥୀ ରାଉତ, ନୀଳମଣି ମଲିକ, ରବୀନ୍ଦ୍ର ମଲିକ, ଗୋପବନ୍ଧୁ ନାୟକ, ସମୀର ରଞ୍ଜନ ବେହେରା, ଜ୍ଞାନରଞ୍ଜନ ମଲିକ,ଗୋଲେଖ ମାଝୀ ଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ । ପ୍ରକାଶ ଥାଉ କି ଗୁଆଳିଗାଁ ମୌଜାରେ ବିଭିନ୍ନ କିସମର ମୋଟ ୨୮ ଏକର ସରକାରୀ ଜମି ଥିବା ବେଳେ ଏଥି ମଧ୍ୟରୁ ୧୦ ଏକର ରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ହେବା ନେଇ ବାରମ୍ବାର ତହସିଲ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଜବରଦଖଲ ହଟାଇବାକୁ ଦାବୀ ହୋଇଥିଲେ ବି କୌଣସି ପ୍ରଶାସନିକ ଉଦ୍ୟମ ନ ହେବାରୁ ଏହି ସବୁ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ପାଇଁ ଆଜିଠୁ ଗଣଧାରଣା ଆରମ୍ଭ ହୋଇଛି ।

ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ଷୋଡ଼ଶ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ



ଯାଜପୁର, ୨/୧୧ (ଅକ୍ଷର ଓଡ଼ିଶା): ଦାନଗଦି ବ୍ଲକ୍ ଟୋଲକାନିସ୍ଥିତ ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦର ଷୋଡ଼ଶ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ରବିବାର ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ମହାସମାରୋହ

ଆମ ଓଡ଼ିଶା

ମଙ୍ଗଳବାର ୦୩।୧୧।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ବୁଗୁଡ଼ା ୦୨/୧୧(ଅକ୍ଷର ଓଡ଼ିଶା) : ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗରରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ତୁଲି ଆଜ୍ଞାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଏବିଡିଓ ଧର୍ମରାଜ ପରିଡ଼ା, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି, ବିପଦପୂର୍ଣ୍ଣ ଅଞ୍ଚଳ ଉପରେ ନଜର ,ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା ।

ଯାଜପୁର ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

୨୨୦ ଟି ଅଭିଯୋଗ ପଞ୍ଜୀକୃତ, ୮୪ ଟିର ତୁରନ୍ତ ସମାଧାନ



ଯାଜପୁର, ୦୨/୧୧/(ଅକ୍ଷର ଓଡିଶା)ଅ ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଡି.ଆର.ଡି.ଏ. କନଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୨୨୦ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୩୫ ଟି ବ୍ୟକ୍ତିଗତ ସମସ୍ୟା, ୦୫ ଟି ସାମୁହିକ/ସାଧାରଣ ସମସ୍ୟା, ୭୮ ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ (ଉଗଇର) ରୁ ସହାୟତା ଏବଂ ୦୨ ଟି ରେଡକ୍ରସ୍ ସହାୟତା ପାଇଁ ଆବେଦନ କରାଯାଇଥିଲା । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାସ୍ଥଳରେ ହିଁ ୮୪ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇପାରିଛି । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ , ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନାଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ସାରସ୍ୱତ ସାହୁ, ଯାଜପୁର ବି.ଡି.ଓ. ଶ୍ରୀ ବ୍ରହ୍ମାନନ୍ଦ ବେହେରା ଏବଂ ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବା ସହ ତାହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ।

ମାଲକାନଗିରିରେ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

୫ ହଜାରରୁ ଉର୍ଦ୍ଧ୍ୱ ଲୋକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ

ମାଲକାନଗିରି,୦୨/୧୧(ପ୍ରଦୀପ ରାଉଳ)ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଉଦ୍ଧାର ଓ ଆଗୁଆ ପ୍ରସ୍ତୁତି କାର୍ଯ୍ୟକୁ ବ୍ୟାପକ କରାଯାଇଛି । ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ଆଜି ସୁଦ୍ଧା ମୋଟ ୫,୦୭୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୧୪୯ ଟି ପକ୍କା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇସାରିଛି । ବିଶେଷ କରି ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୧୦୯ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ମାତୃଯନ୍ କେନ୍ଦ୍ର ଓ ହସ୍ପିଟାଲକୁ ସୁରକ୍ଷିତ ଭାବେ ପଠାଯାଇଛି ।ଜରୁରୀକାଳୀନ ପରିସ୍ଥିତିର ମୋକାବିଲା ପାଇଁ କ୍ଷେତ୍ର ସ୍ତରରେ ୧ ଟି ଓଡ୍ରାଫ୍ ଟିମ୍, ୧ ଟି ଏନଡିଆରଏଫ୍ ଟିମ୍ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୯ ଟି ଅଗ୍ନିଶମ ବାହିନୀ ଦଳକୁ ମୁତୟନ କରାଯାଇଛି । ପରିସ୍ଥିତିର ସୀମାନ୍ତ ସମୀକ୍ଷା ଏବଂ ପ୍ରତ୍ୟକ୍ଷ ତଦାରଖ ପାଇଁ କାଲିମେଳା, ମାଥିଲି, ଚିତ୍ରକୋଣ୍ଡା ଓ ମାଲକାନଗିରି ସଦର ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଥିବା ବେଳେ କାଲିମେଳା ଓ ମାଥିଲିରେ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଦାୟିତ୍ୱ ସମ୍ଭାଳିଛନ୍ତି ।ଅନ୍ୟପଟେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଆଜି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୨.୮୧ ମିଲିମିଟର ସ୍ୱଳ୍ପ ବର୍ଷା ରେକର୍ଡ କରାଯାଇଥିବା ବେଳେ ପବନର ବେଗ ସମ୍ପୂର୍ଣ୍ଣ ସାଧାରଣ ରହିଛି । ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ଏବଂ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

ଅର୍ଣ୍ଣବ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବାଣ୍ଟିଲେ ସମିତି ଅଧକ୍ଷା ମମତା



ବେଲଗୁଣ୍ଠା, ୨ ।୧୧ (ଅକ୍ଷର ଓଡ଼ିଶା) ,ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ବେଲଗୁଣ୍ଠା ବ୍ଲକ୍‌ର ଇଙ୍ଗିନାଠି ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଯାଏଁ ଅନେକ ଚାଷଜମିରୁ ବନ୍ୟାଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇପାରିନାହିଁ। ଏଭଳି ସ୍ଥିତିରେ ପୁଣି ମୁରସୁ ବାତ୍ୟାର ଆଶଙ୍କା ଲୋକଙ୍କ ଚିନ୍ତା ବଢ଼ାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ସକାଳୁ ଝିପିଝିପି ବର୍ଷା ସତ୍ତ୍ୱେ ବେଲଗୁଣ୍ଠା ବ୍ଲକ୍ ସମିତି ଅଧକ୍ଷା ମମତା ଭୋଳ ନିଜ ସମର୍ଥକଙ୍କ ସହ ଇଙ୍ଗିନାଠି ପଞ୍ଚାୟତର ଉସ୍ତପଲ୍ଲୀ ଓ ସାରିଆପଲ୍ଲୀ ଗ୍ରାମ ପରିଦର୍ଶନ କରିଛନ୍ତି ।ଏହି ଅବସରରେ ସେ ଗ୍ରାମର ଘର ଘର ବୁଲି ବାତ୍ୟା ଓ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିବା ସହ ବିସ୍ତୃତ ବଣ୍ଟନ କରିଥିଲେ । ଆଗାମୀ ଦିନରେ କ୍ଷତିଗ୍ରସ୍ତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ନିମନ୍ତେ ସେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ ।ଏହି ଗସ୍ତ ସମୟରେ ବିଜେଡି ନେତା ପ୍ରକାଶ ନାୟକ, ଉତ୍ତରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ଯୁବନେତା ମନୋଜ ବରାଡ଼, ଗଗନ ନାୟକଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଜିଲାସ୍ତରକୁ ମନୋନୀତ ହେଲେ ୨୮ କୃତି ଛାତ୍ରଛାତ୍ରୀ



ଖଣ୍ଡପଡ଼ା ୨ ।୧୧ (ଅକ୍ଷର ଓଡ଼ିଶା) ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଗ୍ରାମସ୍ଥିତ ଲିଙ୍ଗରାଜ ନୋଡାଲ ୟୁପିଏମଇ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋସବ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦ ଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ,କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ଖଳିସାହି ସରପଞ୍ଚ ଫକୀର ମୋହନ ଦାସ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବାଲୁରୀ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଚରଣ ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମହୋତ୍ସବ ସୁରଭି ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଲୁକ୍କାୟିତ ପ୍ରତିଭାର ବିକାଶ ଏହି ଉତ୍ସବର ଲକ୍ଷ୍ୟ ହେଉ ବୋଲି ମତ ଦେଇଥିଲେ ।ଏ ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ୩ ୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଖଣ୍ଡପଡ଼ା ବ୍ଲକସ୍ତରରୁ ୨୮ ଜଣ କୃତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ନୟାଗଡ ଠାରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି ।

ତାଳଚେର-ବଅଁରପାଳ ଜାତୀୟ ରାଜପଥରେ ଦୁର୍ଘଟଣା ଥମିବାର ନାଁ ନେଉନି

ଟ୍ରକ୍ ଧକ୍କାରେ ଯୁବକ ଗୁରୁତର



ତାଳଚେର୦ ୨/୧୧ (ଅଜିତ)–ବଅଁରପାଳ ଜାତୀୟ ରାଜପଥ ନୟର ୧୪୯ ଏବେ ଦୁର୍ଘଟଣାପ୍ରବଣ ରାସ୍ତାରେ ପରିଣତ ହୋଇଛି । ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନିର ଆଶଙ୍କା ବଢୁଥିବା ବେଳେ ସୋମବାର ପୁଣି ଏକ ଦୁର୍ଘଟଣା ଘଟିଛି । ବଲ୍‌ହର ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି ।ଆହତ ଯୁବକ ଜଣକ ତାଳଚେର ଟାଉନ୍‌ର ବଡ଼ଦାଣ୍ଡସାହି ଅଞ୍ଚଳର ଅଜିତ ଦାସ ବୋଲି ଜଣାପଡ଼ିଛି । ଦୁର୍ଘଟଣା ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ତାଳଚେର–ବଅଁରପାଳ ଜାତୀୟ ରାଜପଥରେ ଭାରୀଯାନ ଚଳାଚଳ, ଅନିୟନ୍ତ୍ରିତ ଗାଡ଼ି ଗତି ଏବଂ ରାସ୍ତାର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଦୀର୍ଘଦିନ ହେଲା ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି । ବିଶେଷକରି ଏହି ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ସାଧାରଣ ଯାତ୍ରୀ ଓ ଦୁଇଚକିଆ ଯାନ ଚାଳକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି ।ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ଟ୍ରାଫିକ୍ ନିୟନ୍ତ୍ରଣ, ଗତିସୀମା କଡ଼ାକଡ଼ି ଲାଗୁ, ସତର୍କତା ସୂଚକ ଫଳକ ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

ଚାନ୍ଦବାଲିରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

୨୭୬ଟି ଅଭିଯୋଗ ହସ୍ତଗତ



ଚାନ୍ଦବାଲି, ୦୨/୧୧(ଅକ୍ଷର ଓଡିଶା) ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଆଜି ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୭୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୨୫୨ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା । ୨୬ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା । ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ରାଶି ବାବଦରେ ୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ୮ ଜଣଙ୍କୁ ଟ୍ରାଇସାଇକେଲ ଓ ୪ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା ।ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ବଣ୍ଟନ, ରାସନ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦରଖାସ୍ତ ହସ୍ତଗତ ହୋଇଥିଲା ।ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ପାପିକୋଣ୍ଡା ଅଞ୍ଚଳରୁ ଆସିଥିବା ବାଘ ମୋଟୁ ରେଞ୍ଜରେ

ବାଘର ଗତିବିଧି ଉପରେ ବନ ବିଭାଗର ନଜର



ମାଲକାନଗିରି-୦୨/୧୧ (ପ୍ରଦୀପ ରାଉଳ)- ପାପିକୋଣ୍ଡା ଅଞ୍ଚଳରୁ ଆସିଥିବା ରେଡିଓ କଲାର୍ ଲାଗିଥିବା ଏକ ବାଘ ବର୍ତ୍ତମାନ ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ ମୋଟୁ ରେଞ୍ଜରେ ଚଳପ୍ରଚଳ କରୁଥିବା ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ବାଘର ଗତିବିଧି ଉପରେ ବନ ବିଭାଗ ନଜର ରଖିବା ସହ ସ୍ଥାନୀୟ ଲୋକଙ୍କ ସୁରକ୍ଷା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ।ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ନିର୍ଦ୍ଦେଶାବଳୀ ଅନୁସାରେ ବାଘର ଗତିବିଧି ଉପରେ ନିରନ୍ତର ନଜର ରଖାଯିବାସହ ଆଖପାଖ ଗ୍ରାମଗୁଡ଼ିକରେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନତା କରାଯାଉଛି । ଗ୍ରାମବାସୀଙ୍କୁ ସତର୍କ ରହିବା, ବିପଦପୂର୍ଣ୍ଣ ଅଞ୍ଚଳକୁ ନଯିବା ଏବଂ ବାଘକୁ ଦେଖିଲେ ତାହାର ନିକଟକୁ ନଯିବା କିମ୍ବା ତାକୁ ଉତ୍ତେଜିତ ନକରିବା ପାଇଁ ପରାମର୍ଶ ଦିଆଯାଇଛି ।ବାଘର ଗତିବିଧି ଉପରେ ନିରନ୍ତର ନଜର ରଖିବା ପାଇଁ ରାପିଡ୍ ରେସପନ୍ସ ଟିମ୍ ଏବଂ ବନ ବିଭାଗର କ୍ଷେତ୍ର କର୍ମଚାରୀ ନିୟୋଜିତ ହୋଇଛନ୍ତି ।ବନ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ବିଭାଗର ସମସ୍ତ ପରାମର୍ଶ ପାଳନ କରିବା ସହ ବାଘର ଦର୍ଶନ, ନୂଆ ପାଦଚିହ୍ନ କିମ୍ବା ଅସ୍ୱାଭାବିକ ଗତିବିଧି ଦେଖିଲେ ତୁରନ୍ତ ନିକଟସ୍ଥ ବନ ବିଭାଗ କର୍ମଚାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି ।

ସମ୍ଭାବ୍ୟ ବାତ୍ୟା 'ମୁରାସୁ' ପ୍ରତି ପ୍ରଶାସନ ସଜାଗ

ବାଘୁଆ ଜଳଭଣ୍ଡାରରୁ ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ବୁଗୁଡ଼ା ୦୨/୧୧(ଅକ୍ଷର ଓଡ଼ିଶା): ସ୍ଥାନୀୟ ବାଘୁଆ ଜଳଭଣ୍ଡାରକୁ ସୁରକ୍ଷିତ ରଖିବା ଏବଂ ଜଳସ୍ତର ବିପଦକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ୦୧ ତାରିଖ ରାତ୍ର ୮ ଘଣ୍ଟ ସମୟରେ ଜଳଭଣ୍ଡାରର ଗୋଟିଏ ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛାଡିଛି । ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବାବେଳେ ସମ୍ଭାବ୍ୟ ବାତ୍ୟା 'ମୁରାସୁ' ଯୋଗୁଁ ବାଘୁଆ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିବା ସମ୍ଭାବନାକୁ ନଜରରେ ରଖି ବିପଦଜନକ ସ୍ଥିତିକୁ ଏଡ଼ାଇବା ପାଇଁ ଭଞ୍ଜନଗର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଂଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ରବିବାର ରାତିରୁ ବାଘୁଆ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ରଙ୍କ ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରର ଗୋଟିଏ ସ୍ଲିଲ୍ ୱେ ଗେଟ୍ ଖୋଲାଯାଇ ଅତିରିକ୍ତ ବନ୍ୟାଜଳକୁ ନିଷ୍କାସନ କରାଯାଇଛି । ବର୍ତ୍ତମାନ ବାଘୁଆ ଜଳଭଣ୍ଡାରର ଜଳସ୍ତରର ଉଚ୍ଚତା ୧୧୨.୯୮ ମିଟର ଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ଗୋଟିଏ ଗେଟ୍ ଦେଇ ୪୦ ଘନ ମିଟର ଜଳ ନିଷ୍କାସିତ ହେଉଛି । ପ୍ରକାଶ ଯେ, ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯିବା ପ

ଡଅଁର ପଞ୍ଚାୟତର ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ହଡ଼ପ ଅଭିଯୋଗର ତଦନ୍ତ ଆରମ୍ଭ



ହାଟଡିହି: (୦୨/୧୧ ଅମୀୟ ବରାଳ) - କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଡଅଁର ପଞ୍ଚାୟତରେ ୪୦ରୁ ଊର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି । ବିଡିଓଙ୍କ ଦ୍ୱାରା ଗଠିତ ଏକ ତଦନ୍ତକାରୀ ଦଳ ଶନିବାର ଡଅଁର ପଞ୍ଚାୟତରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ତଦନ୍ତକାରୀ ଦଳରେ ଏବିଡିଓ ରଶ୍ମିରେଖା ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀ ସିଂ, ଜିପିଡିଓ ଦିବ୍ୟଜ୍ୟୋତି ଦାଶ, ପିଇଓ ଶରତ କୁମାର ବେଜ ଓ ପଙ୍କଜ କୁମାର ସାହୁ ପ୍ରମୁଖ ସାମିଲ ଅଛନ୍ତି । ଦଳର ସଦସ୍ୟମାନେ ଡଅଁର ଗ୍ରାମରେ ଘରକୁ ଘର ବୁଲି ମୃତ ହିତାଧିକାରୀଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ସେମାନଙ୍କ ବୟାନ ରେକର୍ଡ କରିଛନ୍ତି । ଶନିବାର ଦିନ ମାତ୍ର ୮ ଜଣ ହିତାଧିକାରୀଙ୍କ ସମ୍ପର୍କରେ ତଦନ୍ତ କରାଯାଇଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ତଦନ୍ତକାରୀ ଦଳ ଫେରି ଆସିଥିଲେ । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ତଦନ୍ତ ଶେଷ କରି ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ସୂଚନାନୁସାରେ, ଡଅଁର ପଞ୍ଚାୟତରେ ଅନେକ ମୃତ ଭତ୍ତା ହିତାଧିକାରୀଙ୍କ ନାମରେ ଭତ୍ତା ଉଠାଯାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ପଞ୍ଚାୟତର ପିଇଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଥିଲା । ଏବେ ତଦନ୍ତ ଆରମ୍ଭ ହୋଇଥିବାରୁ ବାସ୍ତବରେ କେତେ ମୃତ ହିତାଧିକାରୀଙ୍କ ଟଙ୍କା ଉଠାଯାଇଛି, କେତେ ମାସର ଉଠା ଯାଇଛି ତଦନ୍ତ ପରେ ଏହାର ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ । ଏପର୍ଯ୍ୟନ୍ତ ଡଅଁର ସରପଞ୍ଚ ତଥ୍ୟ ଲୁଚାଇବା ପାଇଁ ପ୍ରୟାସ କରୁଥିବା ଜଣାପଡିଛି ।

ପରିବହନ ଦର ବୃଦ୍ଧି ଦାବିରେ ଟ୍ରକ୍ ମାଲିକଙ୍କ ଆନ୍ଦୋଳନ

ଠାକୁରାଣୀ ଖଣି ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା

କେନ୍ଦୁଝର, ୦୨/୧୧ (ଦିଲ୍ଲୀପ କୁମାର ସାହୁ): ଖଣିଜ ସମ୍ପଦରେ ସମୃଦ୍ଧ କେନ୍ଦୁଝର ଜିଲ୍ଲାର ବଡ଼ବିଲ ଖଣି ଅଞ୍ଚଳରେ ପରିବହନ ଦର ବୃଦ୍ଧିକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ନ୍ୟାୟୋଚିତ ପରିବହନ ଦର ନିର୍ଦ୍ଧାରଣ ଦାବିରେ ଟ୍ରକ୍ ମାଲିକମାନେ ଠାକୁରାଣୀ ଖଣି ସମ୍ମୁଖରେ ଗତ ରବିବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଟ୍ରକ୍ ମାଲିକମାନେ କହିଛନ୍ତି ।ଟ୍ରକ୍ ମାଲିକଙ୍କ ଅଭିଯୋଗ ଅନୁଯାୟୀ, ପରିବହନ ବ୍ୟବସାୟରେ ଖର୍ଚ୍ଚ କ୍ରମାଗତ ଭାବେ ବଢୁଥିବା ବେଳେ ଚଳିତ ପରିବହନ ଦରରେ ତାହା ଭରଣା କରିବା କଷ୍ଟକର ହୋଇପଡ଼ିଛି । ଟ୍ରକ୍‌ର ମାସିକ କିସ୍ତି, ଡିଜେଲ ଖର୍ଚ୍ଚ, ମରାମତି, ଡ୍ରାଇଭର ଓ ହେଲପରଙ୍କ ମଜୁରି ସମେତ ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ପାଉଛି । ଫଳରେ ଅନେକ ଟ୍ରକ୍ ମାଲିକ ଆର୍ଥିକ ଚାପରେ ରହିବା ସହ ଗାଡ଼ିର କିସ୍ତି ପରିଶୋଧ କରିବାରେ ମଧ୍ୟ ସମସ୍ୟା ଭୋଗୁଥିବା ଦାବି କରିଛନ୍ତି ।ଏହି ସମସ୍ୟାର ସମାଧାନ ପାଇଁ ପୂର୍ବରୁ ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ସମାଧାନ ମିଳିନଥିବା ସେମାନେ କହିଛନ୍ତି । ଏଣୁ ବାଧ ହୋଇ ଆନ୍ଦୋଳନର ପଥ ଆପଣାଇଥିବା ଜଣାପଡ଼ିଛି । ଠାକୁରାଣୀ ଖଣି ସମ୍ମୁଖରେ ଏକତ୍ରିତ ହୋଇ ଟ୍ରକ୍ ମାଲିକମାନେ ପରିବହନ ଦରର ପୁନଃନିର୍ଦ୍ଧାରଣ ସହ ଯଥୋଚିତ ଦର ବୃଦ୍ଧି ପାଇଁ ଦାବି ଜଣାଇଛନ୍ତି ।ଅନ୍ୟପକ୍ଷରେ, ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ କିଛି ସ୍ୱାର୍ଥସମ୍ପନ୍ନ ବ୍ୟକ୍ତି ଉଦ୍ୟମ କରୁଥିବା ନେଇ ଟ୍ରକ୍ ମାଲିକ ମହଲରେ ଚର୍ଚ୍ଚା ହେଉଛି । ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ପୁଷ୍ଟି ମିଳିନଥିବାରୁ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ ।ବଡ଼ବିଲ ଖଣି ଅଞ୍ଚଳର ଅର୍ଥନୀତିରେ ପରିବହନ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଉପରେ ଟ୍ରକ୍ ମାଲିକଙ୍କ ସହ ଡ୍ରାଇଭର, ହେଲପର, ମେକାନିକ୍ ଓ ଅନ୍ୟାନ୍ୟ ଶ୍ରମଜୀବୀଙ୍କ ଜୀବିକା ନିର୍ଭର କରେ । ତେଣୁ ପରିବହନ ଦରକୁ ନେଇ ଦେଖାଦେଇଥିବା ବିବାଦର ଶୀଘ୍ର ସମାଧାନ ନହେଲେ ଏହାର ପ୍ରଭାବ ବ୍ୟାପକ ହେବାର ଆଶଙ୍କା ରହିଛି ।ଏଭଳି ସ୍ଥିତିରେ ଟ୍ରକ୍ ମାଲିକଙ୍କ ଦାବି ଉପରେ ଗୁରୁତ୍ୱ ଦେଇ ଖଣି କର୍ତ୍ତୃପକ୍ଷ, ପରିବହନ ସଂସ୍ଥା ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ଆଲୋଚନା ମାଧ୍ୟମରେ ସମାଧାନର ପଥ ବାହାର କରିବା ଆବଶ୍ୟକ । ଏବେ ଆନ୍ଦୋଳନ କେତେଦିନ ଚାଲିବ ଏବଂ ଟ୍ରକ୍ ମାଲିକଙ୍କ ଦାବି ଉପରେ କି ପଦକ୍ଷେପ ନିଆଯିବ, ତାହା ଉପରେ ଖଣି ଅଞ୍ଚଳବାସୀଙ୍କ ନଜର ରହିଛି ।



କିଡ୍‌ନୀ ରୋଗରେ ବ୍ୟକ୍ତିଙ୍କ ମୃତ୍ୟୁ, ଶୁଦ୍ଧିକ୍ରିୟା ସହାୟତା ଲୋଡ଼ିଲେ ପତ୍ନୀ



ହରିଚନ୍ଦନପୁର, ୨/୧୧ (ଶୂନ୍ୟରଞ୍ଜନ ଘଣା): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ବଙ୍କି ବାରିଗାଁ ଗ୍ରାମ ପଞ୍ଚାୟତ ଓଷ୍ଟପଙ୍ଗା ଗ୍ରାମରେ ଜଣେ ବ୍ୟକ୍ତିଙ୍କ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁ ଘଟିଛି । ମୃତକ ହେଲେ ମିଥୁନ ନାଏକ(୪୦) । ସେ କିଡ୍‌ନୀ ଜନିତ ରୋଗରେ ୬ମାସରୁ ଊର୍ଦ୍ଧ୍ୱ ହେବ ଆକ୍ରାନ୍ତ ହୋଇଥିଲେ । ଗତ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ମିଥୁନଙ୍କ ପତ୍ନୀ ଭାଙ୍ଗିପଡିଛନ୍ତି । ପ୍ରତିଦିନ କାମ ପର ଘରେ ଧନ୍ଦା କରି ସ୍ୱାମୀଙ୍କ ଚିକିତ୍ସା କରୁଥିବାରୁ ପତ୍ନୀଙ୍କ ହାତରେ ଅର୍ଥ ଅଭାବ ରହିଛି । ତେଣୁ ଶୁଦ୍ଧି କ୍ରିୟା କେମିତି କରିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଉଭୟଙ୍କ କୌଣସି ପିଲାଛୁଆ ନଥିବାବେଳେ ପରିବାରରେ ମଧ୍ୟ ଆଉ କେହି ନାହାନ୍ତି । ତେଣୁ ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି ।

ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଉନ୍ମୋଚିତ କରେ ଶିଶୁ ସୁରଭି କାର୍ଯ୍ୟକ୍ରମ



ହାଟଡିହି :(୦୨/୧୧ ଅମୀୟ ବରାଳ) - ହାଟଡିହି ବ୍ଲକ ସୋସୋ ଗାର୍ଲସ ହାଇସ୍କୁଲ ଠାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଉଦଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଶୋକ ନାହାକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିଶୁ ଉତ୍ସବକୁ ହାଟଡିହି ବ୍ଲକର ବିଡ଼ିଓ ରଞ୍ଜନ କୁମାର ପରିଡା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳାର ସହ ନିଜ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବିତର୍କ, ପ୍ରବନ୍ଧ ଲିଖନ, ସଂଗୀତ, ବକ୍ତୃତା, ଆଦି ବିଭାଗର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ର ବିଭିନ୍ନ ପ୍ରାନ୍ତରରୁ ଦୁଇ ଶହରୁ ଉର୍ଦ୍ଧ୍ୱ ସ୍କୁଲର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ବିଶେଷ କରି ପ୍ରତି କ୍ଲଷ୍ଟରରୁ ଆସିଥିବା ଗୋଟିଏ ଲେଖାଏଁ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । କୃତି ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ଉଦଯାପନୀ ଉତ୍ସବରେ ହାଟଡିହି ତହସିଲଦାର ସଞ୍ଜୟ ସାମନ୍ତରାୟ, ବିଜେପି ନେତା ତଥା ସମାଜସେବୀ ଆଲୋକ ସେଠୀ, ସାଂସଦଙ୍କ ଶିକ୍ଷା ପ୍ରତିନିଧି ସୁଶାନ୍ତ ଜେନା, ଅଭିମନ୍ୟୁ ବେହେରା, ଏବିସି ଫାଉଣ୍ଡେସନର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମୋହନ କୁମାର ମହାନ୍ତି, ସି.ଆର.ସି.ସି ବୁଦ୍ଧଦେବ ରାଉତ,, ରବୀନ୍ଦ୍ର କୁମାର ସାହୁ, ସତ୍ୟ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ । ଏହି ସୁରଭି କାର୍ଯ୍ୟକ୍ରମ ଦ୍ୱାରା କୁନି କୁନି ଛାତ୍ରଛାତ୍ରୀ ମାନେ ସେମାନଙ୍କ ଲୁକାୟିତ ପ୍ରତିଭାକୁ ପ୍ରଦର୍ଶିତ କରି ପାରୁଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷକ କେଶବ କର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ସିଆରସିସି, ସୋସୋ ଗାର୍ଲସ ହାଇସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ମାନେକାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ ବର୍ଗରେ ବିଷ୍ଣୁପ୍ରିୟା ଓଝା, ମୁକେଶ କୁମାର ବେହେରା, ବର୍ଷନାକ୍ରାନ୍ତି ରାଉତ, ସନ୍ଦୀପ କୁମାର ପତି, ପ୍ରତିମା ପରିଡା, ସିଦ୍ଧି ଗାୟତ୍ରୀ ଦାସ, ସାଇନାଜ ପଣ୍ଡା, ଶୁଭ୍ରାଂଶୁ ଶେଖର କର, ରୁଦ୍ର ନାରାୟଣ କର, ଶୁଭଲକ୍ଷ୍ମୀ ବାରିକ, ସୁମନ ସୋନାଲିକା ନାୟକ, କନିଷ୍ଠ ବର୍ଗରେ ସରିତା ବେହେରା, ଶୁଭଲକ୍ଷ୍ମୀ ବେହେରା, ବର୍ଷା ପ୍ରିୟଦର୍ଶନୀ ସାହୁ, ରାକେଶ ପଣ୍ଡା, ଶୁଭଲକ୍ଷ୍ମୀ କିସ୍କୁ, ସୌରଭ ପଣ୍ଡା, ପିଙ୍କୁନ କୁମାର ସେଠୀ, ଦେବସ୍ମିତା ନାୟକ, ହିରଣ୍ମୟୀ ପାତ୍ର, ଦେବାଂଶୀ ସାହୁ ମାଧ୍ୟମିକ ସ୍ତରରେ ଭାଗ୍ୟଶ୍ରୀ ବେହେରା, ରଚନା ତନ୍ତୀ, ସୀତାଂଶୁ ପରିଡା, ପ୍ରିୟଙ୍କା ସାହୁ, ଭାଗ୍ୟଶ୍ରୀ ବେହେରା ଆଦି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ ।

ମୃତବ୍ୟକ୍ତିଙ୍କ ଭତ୍ତା ଟଙ୍କାକୁ ନେଇ, ମାରପିଟ୍ ଅଭିଯୋଗ

ହାଟଡିହି:(୦୨/୧୧ ଅମୀୟ ବରାଳ)- କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଡଅଁର ପଞ୍ଚାୟତର ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଇ ନେବା ଘଟଣାରେ ତଦନ୍ତ ଚାଲିଥିବା ବେଳେ, ଗତକାଲି ଏହାକୁ କେନ୍ଦ୍ରକରି ଦୁଇ ପକ୍ଷ ମଧ୍ୟରେ ମାଡପିଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଗତକାଲି ସଂନ୍ଧ୍ୟାରେ ଶାଳନିଆଁ ବଜାରରେ ଭତ୍ତା ଟଙ୍କା ହଡ଼ପ କରିଥିବା ଘଟଣାକୁ ନେଇ ଡଅଁର ଗ୍ରାମର ଅଜୟ ଦାସ ଓ ସରପଞ୍ଚଙ୍କ ସ୍ୱାମୀ ମଣିଚରଣ ଜେନା ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ଲାଗିବା ସହିତ ହାତାହାତି ହୋଇଥିଲେ ।ଏ ନେଇ ଶାଳନିଆଁ ବଜାରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ନନ୍ଦିପଦା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।ପରେ ଦୁଇ ପକ୍ଷ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ ।

ପଶୁପତିନାଥ ମନ୍ଦିରରୁ ଦାନବାକ୍ସ ଭାଙ୍ଗି ଚୋରି

ସିସିଟିଭିରେ କଏଦ ଦୃଶ୍ୟ

କେନ୍ଦୁଝର, ୦୨/୧୧ (ଦିଲ୍ଲୀପ କୁମାର ସାହୁ): ଖଣି ଅଞ୍ଚଳରେ ମନ୍ଦିର ଓ ଧାର୍ମିକ ସ୍ଥଳଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ବଡ଼ବିଲ-ଠାକୁରାଣୀ ରାସ୍ତାକଡ଼ରେ ଅବସ୍ଥିତ ପ୍ରସିଦ୍ଧ ପଶୁପତିନାଥ ମନ୍ଦିରରେ ଦାନବାକ୍ସ ଭାଙ୍ଗି ନଗଦ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଚୋରି ଘଟଣାର ଦୃଶ୍ୟ ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଗତ ରାତିରେ ଜଣେ ଦୁର୍ବୃତ୍ତ ମନ୍ଦିର ଭିତରେ ପ୍ରବେଶ କରି ଦାନବାକ୍ସକୁ ଭାଙ୍ଗି ଦେଇଥିଲେ । ଏହାପରେ ସେଥିରେ ଭକ୍ତମାନେ ଅର୍ପଣ କରିଥିବା ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ତେବେ ଚୋରି ହୋଇଥିବା ଟଙ୍କାର ପରିମାଣ ଓ ସାମଗ୍ରୀର ସଠିକ୍ ବିବରଣୀ ଏଯାବତ୍ ସ୍ପଷ୍ଟ ହୋଇନାହିଁ ।ମନ୍ଦିର ଭଳି ଏକ ପବିତ୍ର ଧାର୍ମିକ ସ୍ଥଳରେ ଏଭଳି ଘଟଣା ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ଦାନ କରୁଥିବା ଅର୍ଥ ଓ ସାମଗ୍ରୀର ସୁରକ୍ଷା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି । ମନ୍ଦିରରେ ସିସିଟିଭି ବ୍ୟବସ୍ଥା ଥିବା ସତ୍ତ୍ୱେ ଚୋରି ଘଟଣା ଘଟିବା ସୁରକ୍ଷା ବ୍ୟବସ୍ଥାର ଦକ୍ଷତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି ।ଏହି ଘଟଣା ପରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ରାତ୍ରିକାଳୀନ ନିରୀକ୍ଷଣ ବଢ଼ାଇବା ଏବଂ ଦାନବାକ୍ସର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି । ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଚୋରି ସାମଗ୍ରୀ ଉଦ୍ଧାର କରିବା ଦିଗରେ ପୁଲିସ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବ ବୋଲି ଭକ୍ତମାନେ ଆଶା ପ୍ରକାଶ କରିଛନ୍ତି । ତେବେ ଘଟଣା ସମ୍ପର୍କରେ ପୁଲିସର ଆନୁଷ୍ଠାନିକ ପ୍ରତିକ୍ରିୟା ଓ ତଦନ୍ତର ଅଗ୍ରଗତି ଜଣାପଡ଼ିବା ପରେ ଚୋରି ଘଟଣାର ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହେବ ।

କାହ୍ନୁଚରଣ ନାଏକଙ୍କ ସ୍ମୃତିଚାରଣ

ଏକାଠି ହେଲେ ରାଜନୈତିକ ଦଳର ନେତା ଓ ବିଶିଷ୍ଟ ବ୍ୟକ୍ତି



କେନ୍ଦୁଝର, ୦୨/୧୧ (ଦିଲ୍ଲୀପ କୁମାର ସାହୁ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ କଣ୍ଡାପଡ଼ା ପଞ୍ଚାୟତର ଭଗପଶି ଗ୍ରାମସ୍ଥିତ ବାସଭବନରେ ପୂର୍ବତନ ପାଟଣା ବିଧାୟକ କାହ୍ନୁଚରଣ ନାଏକଙ୍କ ଏକାଦଶାହ ଅବସରରେ ରବିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତା, ପୂର୍ବତନ ଜନପ୍ରତିନିଧି ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଦିବଂଗତ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସମେତ ବହୁ ରାଜନୈତିକ ନେତା ଯୋଗଦେଇଥିଲେ ।ସେହିପରି ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ କେନ୍ଦୁଝର ସାଂସଦ ମାଧବ ସର୍ଦ୍ଦାର, କୋରେଇର ପୂର୍ବତନ ବିଧାୟକ ଅଶୋକ ବଳ, ପ୍ରାଣବଲ୍ଲଭ ନାଏକ, ଧନୁର୍ଜୟ ସିଦ୍ଧୁ, ବିଜୟ ନାଏକ ଓ ମୁକେଶ ପାଲଙ୍କ ସମେତ ବହୁ ପୂର୍ବତନ ବିଧାୟକ ସଭାରେ ଉପସ୍ଥିତ ଥିଲେ ।ଏହାସହ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଉପସଭାପତି ରାହାସ ବିହାରୀ ପୃଷ୍ଟି, ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ପୂର୍ବତନ କେସିସି ବ୍ୟାଙ୍କ ସଭାପତି କାନନବିହାରୀ ପହି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ପୂର୍ବତନ କେନ୍ଦୁଝର ପୌରାଧ୍ୟକ୍ଷା ମୀନା ମାଝୀ, ପୂର୍ବତନ କେନ୍ଦୁଝର ବ୍ଲକ୍ ଅଧ୍ୟକ୍ଷା କିରଣବାଳା ନାଏକ, କୁଡୁମୀ ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ, ଶିଳ୍ପପତି ବିବେକାନନ୍ଦ ଦାଶ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଓ ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଦୀପକ ରାଜ ପ୍ରମୁଖ ଯୋଗଦେଇଥିଲେ ।ସ୍ମୃତିସଭାରେ କାହ୍ନୁଚରଣ ନାଏକଙ୍କ ଧର୍ମପତ୍ନୀ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାଏକ, ସାନପୁଅ ତଥା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ବଡ଼ପୁଅ ଇଞ୍ଜିନିୟର ଲୋକନାଥ ନାଏକ, ମଝିଆ ପୁଅ ତଥା ବିଜେଡି ନେତା ସତ୍ୟବ୍ରତ ନାଏକ ଓ ଝିଅ ଝରଣା ନାଏକ ଉପସ୍ଥିତ ଥିଲେ ।ପରିବାରବର୍ଗଙ୍କ ସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶୁଭେଚ୍ଛୁ ଓ ସମର୍ଥକମାନେ ମଧ୍ୟ ଦିବଂଗତ ନେତାଙ୍କୁ ସ୍ମରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାହ୍ନୁଚରଣ ନାଏକଙ୍କ ବିୟୋଗରେ ତାଙ୍କ ପରିବାର, ଶୁ

ମଙ୍ଗଳବାର ୦୩।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ରାଷ୍ଟ୍ରୀୟ ଏକତା ଦିବସରେ ସଦର ଥାନା ପୁଲିସର ଏକତା ଦୌଡ

ଖୋର୍ଦ୍ଧା,୦୨/୧୧(ଅକ୍ଷର ଓଡ଼ିଶା): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଖୋର୍ଦ୍ଧା ସଦର ଥାନା ପୁଲିସ ପକ୍ଷରୁ ଏକତା ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସ୍‌ପି ପରମାର ସ୍ମିଥ ପର୍ଶୋତମ ଦାସ ଙ୍କ ନିର୍ଦ୍ଦେଶ କ୍ରମେସଦର ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ କୁରାଡ଼ମଲ ଛକଠାରୁ ସଦର ଥାନା ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯାଇଥିଲା । ଏଥିସହ ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଂହତିର ବାର୍ତ୍ତା ପ୍ରସାର କରିବା ସହ ଏକ ସୁସ୍ଥ ଏବଂ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଏସ୍‌ଆଇ ଚନ୍ଦନ ଦାସ, ଦୀପକ ପାକଳ, ସୁଜାତା ପଲେଇ, ଏଏସ୍‌ଆଇପ୍ରଦୀପ ପ୍ରଧାନ, ସୁବାଷ ନାୟକ, ମନଜିତ ଏକ୍କା, କନେଷ୍ଟବଳ ଶୁଭ୍ରାଂଶୁ ଦଲେଇ, ସୁଧାକର ପାଟଶାଣୀ ପ୍ରମୁଖଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ର ଶତାଧିକ ଯୁବକ ସାମିଲ ହୋଇଥିଲେ।

ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ବାଇକ୍, ଜଣେ ମୃତ ଓ ଅନ୍ୟ ଜଣେ ଗୁରୁତର

ଦେବଗଡ଼, ୦୨।୧୧ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ସଂଘାପଶି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି ।ମୃତ ଯୁବକ ହେଲେ ଚଡ଼େଇମରା ଗ୍ରାମର ବୁଦ୍ଧୁରାମ ତପନଙ୍କ ପୁଅ ସମଲ ତପନ। ଗୁରୁତର ଆହତ ଯୁବକ ହେଲେ ସେହି ଗ୍ରାମର ଶମ୍ଭୁ ଘଟୁଆଳଙ୍କ ପୁଅ ମିଲୁ ଘଟୁଆଳ ।ସୂଚନା ଅନୁଯାୟୀ, ଉଭୟ ଯୁବକ କୌଣସି କାମରେ ଯାଇ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଦିନ ପ୍ରାୟ ୧ଟା ୩୦ ମିନିଟ୍‌ରେ ସଂଘାପଶି ଗ୍ରାମ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସମଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗୁରୁତର ମିଲୁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବାରୁ କୁଣ୍ଢେଇଗୋଳା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି।

ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ

ସୁବର୍ଣ୍ଣପୁର:୦୨ ।୧୧(ସଂଗ୍ରାମ) ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମନୋରଞ୍ଜନ ତ୍ରିପାଠୀ ଙ୍କ ମାତା ଶ୍ରୀମତୀ ବିଶାଖା ତ୍ରିପାଠୀ ଙ୍କ ୮୭ ବର୍ଷ ବୟସ ରେ ପରଲୋକ ଘଟିଛି ।ସ ଦୀର୍ଘ ୨୫ ବର୍ଷ ଧରି କ୍ଷମତା ରେ ଥିବା ସୋନପୁର ବ୍ଲକ ମୟୂରଡଙ୍ଗାନ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ସୋନପୁର ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ଘାସିରାମ ତ୍ରିପାଠୀ ଙ୍କ ଧର୍ମପତ୍ନୀ ଭାବେ ପୁଣ୍ୟାତ୍ମା ବିଶାଖା ତ୍ରିପାଠୀ ସୋନପୁର ବ୍ଲକ ଓ ସୋନପୁର ସହର ରେ ବେଶ୍ ପରିଚିତ ଥିଲେ ।ସ ଗତ କାଲି ରାତିରେ ସୋନପୁର ଗ୍ରାଡକୋ କଲୋନୀ ସ୍ଥିତ ତାଙ୍କ ବାସଭବନ ରେ ଶ୍ରୀମତି ତ୍ରିପାଠୀ ଙ୍କ ପରାଲୋକ ଘଟିଛି । ସ୍ୱର୍ଗୀୟା ତ୍ରିପାଠୀ ଜଣେ ସରଳ, ସଚ୍ଚୋଟ, ଧର୍ମ ପରାୟଣ , ମିଷ୍ଟଭାଷୀ ତଥା ପରୋପକାରୀ ମହିଳା ଭାବେ ସୋନପୁର ବ୍ଲକ ଅଞ୍ଚଳ ତଥା ସହର ରେ ସେ ପରିଚିତ ଥିଲେ । ସ୍ୱର୍ଗୀୟକ୍ଷ ତ୍ରିପାଠୀ ଙ୍କ ଆଜି ରବିବାର ସକାଳେ ରାମେଶ୍ୱର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କାରାଯିବ କ୍ଷ ଶ୍ରୀମତୀ ତ୍ରିପାଠୀଙ୍କ ତିନି ପୁତ୍ର ବଧୂ, ତିନି ଝିଅ, ନାତି ନାତୁଣୀ, ତିନି ନଣନ୍ଦ, ଜ୍ୱାଇଁ ଶଙ୍କର ଦାଶ, ପ୍ରଦୀପ ଶତପଥୀ, ସୁରେଶ ପାଣିଗ୍ରାହୀ, ଭାଇ ହରିହର ଶତପଥୀ, ଆତ୍ମୀୟ ସ୍ୱଜନ ମର ଶରୀର ପାଖରେ ଉପସ୍ଥିତ ରହିଥିବା ବେଳେ ସୋନପୁର ଅଞ୍ଚଳ ର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗୀୟା ତ୍ରିପାଠୀ ଙ୍କ ମର ଶରୀର କୁ ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଛନ୍ତି ।

ବିପଦସଙ୍କୁଳ ଚେକ୍‌ଡ୍ୟାମ୍ ଭରସାରେ ଯାତାୟାତ

ବାଇକ୍ ପାର ପାଇଁ ନେଉଛନ୍ତି ୨୦୦ ଟଙ୍କା ପାରିଶ୍ରମିକ



ରାଇକିଆ ୦୨/୧୧ ,(ଜଗଦୀଶ ଦାଶ): ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ ପରେ ରାଇକିଆ ବ୍ଲକ୍‌ରେ ଭୁଶୁଡ଼ି ପଡ଼ିଛି ଯୋଗାଯୋଗ ବ୍ୟବସ୍ଥା। ବିଭିନ୍ନ ସ୍ଥାନରେ ପୋଲ ଓ କଲଭର୍ଟ କ୍ଷତିଗ୍ରସ୍ତ ହେବା ଫଳରେ ଅନେକ ଗ୍ରାମକୁ ଯାତାୟାତ ଠପ୍ ହୋଇଯାଇଛି । ଏପରିକି ଜରୁରୀ କାମରେ ବାହାରୁଥିବା ଲୋକେ ମଧ୍ୟ ରାସ୍ତା ପାର ହୋଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି ସଙ୍କଟ ସମୟରେ ଲୋକଙ୍କ ଯାତାୟାତକୁ ସହଜ କରିବା ପାଇଁ କିଛି ଯୁବକ ଭାଇ ମାନେ ଆଗକୁ ଆସିଛନ୍ତି । ରାଇକିଆ ବ୍ଲକ୍‌ର ମାଲାଗୁଡ଼ା ପୋଲ ନିକଟରେ ଥିବା ଏକ ଛୋଟ ଚେକ୍‌ଡ୍ୟାମ୍ ଉପର ଦେଇ ସେମାନେ ଲୋକଙ୍କ ବାଇକ୍ ପାର କରାଇବାରେ ସହଯୋଗ କରୁଛନ୍ତି । ଏହି କାର୍ଯ୍ୟରେ ପ୍ରାୟ ୮ରୁ ୧୦ ଜଣ ଯୁବକ ଦିନତମାମ ନିୟୋଜିତ ରହୁଥିବା ଜଣାପଡ଼ିଛି । ତେବେ ଏହି ସହାୟତା ବାଇକ୍ ପାର କରାଇବା ବାବଦରେ ଆବଶ୍ୟକସ୍ଥଳେ ଯୁବକମାନେ ୨୦୦ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ନେଉଥିବା ଜଣାପଡ଼ିଛି । ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଲୋକେ ବାଧ୍ୟ ହୋଇ ଏହି ବିକଳ୍ପର ସହାୟତା ନେଉଛନ୍ତି । ତେବେ କ୍ଷତିଗ୍ରସ୍ତ ଚେକ୍‌ଡ୍ୟାମ୍ ଉପରେ ବାଇକ୍ ଚଳାଚଳ କରାଇବା ବିପଦମୁକ୍ତ ନୁହେଁ। ତେଣୁ ଏଭଳି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ତଦାରଖର ଆବଶ୍ୟକତା ରହିଛି ।ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କଲଭର୍ଟର ମରାମତି କାର୍ଯ୍ୟ ଜାରି ରହିଛି । ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଯାତାୟାତ ସ୍ୱାଭାବିକ ହୋଇପାରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ତେବେ ମରାମତି କାର୍ଯ୍ୟ ଶେଷ ହୋଇ ରାସ୍ତା ପୂର୍ବବତ୍ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ଯାତାୟାତ ଦୁର୍ଦ୍ଦଶା ଜାରି ରହିବା ଆଶଙ୍କା ରହିଛି ।

ତଳାଗାଁରେ ବାହାଦି ଠାକୁରଙ୍କ ବାର୍ଷିକ ଦଶରା ସମ୍ପନ୍ନ

ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ



କୋକସରା, ୨/୧୧(ମଙ୍ଗରାଜ ବେହେରା): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତଳାଗାଁରେ ପ୍ରଭୁ ବାହାଦି ଠାକୁରଙ୍କ ବାର୍ଷିକ ଦଶରା ପର୍ବ ରବିବାର ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାସମାରୋହରେ ସମ୍ପନ୍ନ ହୋଇଛି । ଏହି ପାରମ୍ପରିକ ପର୍ବରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା ।ପ୍ରଭୁ ବୁଢ଼ାରଜାଙ୍କ ଦଶରା ପରେ ବାହାଦି ଠାକୁରଙ୍କ ଦଶରା ପାଳନ କରାଯାଉଥିବାରୁ ଏହି ପର୍ବର ରହିଛି ଏକ ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ । ସାହାଜଖୋଲ ସଂରକ୍ଷିତ ଜଙ୍ଗଲର ପାଦଦେଶରେ ଥିବା ବାହାଦି ଡଙ୍ଗରରେ ପ୍ରଭୁ ବାହାଦି ଠାକୁରଙ୍କ ପ୍ରସିଦ୍ଧ ପୀଠ ରହିଛି । ଏହି ପୀଠରେ ପ୍ରଭୁ ବାହାଦି ଠାକୁରଙ୍କ ସମେତ ମା' ବସ୍ତରାଣୀ ଓ ମା' ମାଉଲିଙ୍କ ପୀଠ ରହିଛି କ୍ଷଏହି ଦଶରା ଉତ୍ସବରେ ସିଉନି, ବଡ଼ପୋଡ଼ାଗୁଡ଼ା, ଦାବିରୀଗୁଡ଼ା, ସର୍ଗିଗୁଡ଼ା ଓ ଭେଳିଆଜୋର ସମେତ ବାରପାଲିର ବିଭିନ୍ନ ଗ୍ରାମରୁ ଲାଠି ଓ କାଳିସୀମାନେ ପାରମ୍ପରିକ ବେଶଭୂଷାରେ ପୀଠକୁ ଆଗମନ କରିଥିଲେ । । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଦେବାଦେବୀଙ୍କ ଦର୍ଶନ କରି ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ମା' ମାଉଲିଙ୍କ ପୀଠରେ ଲାଠି ଓ କାଳିସୀ ପହଞ୍ଚିବା ପରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।ଘଣ୍ଟ, ଶଙ୍ଖ, ହୁଳହୁଳି, ନାଗରା ଓ ମହୁରୀର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ତଳାଗାଁ ମାଟି । ଲାଠି ଓ କାଳିସୀଙ୍କ ପାରମ୍ପରିକ ଦୈବୀ ନୃତ୍ୟ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା । ଏହା ସହ କାଳିସୀମାନେ ଲୁହାକଣ୍ଟାର ଦୋଳିରେ ଝୁଲି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମରେ ପୂଜକ ବଳଭଦ୍ର ପୂଝାରୀ, କାଳିସୀ ସପୂରସିଂହ ନାଗ, ଦାମୁ ରାଉତ, ହେମରାଜ ବେମାଲ, କୈଳାଶ ନାଏକ, ବାହାଦି କାଳିସୀ ତୁଲାରାମ ଓ ଅମର ରାଉତ ପ୍ରମୁଖ ସାମିଲ ହୋଇ ଦୈବୀ କାର୍ଯ୍ୟ ସମ୍ପାଦନ କରିଥିଲେ ।ଶ୍ରୀ ଶ୍ରୀ ବାହାଦି ଠାକୁର ପୂଜା କମିଟିର ସଭାପତି ଧର୍ମାନନ୍ଦ ନାଏକ, ସମ୍ପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ଧନବଳ ଲହଜଳ, ସଦସ୍ୟ ଜଗଦୀଶ ନାଏକ, ଲାଲସିଂ ବାଗଙ୍କ ସମେତ ଗ୍ରାମର ଅନେକ ଯୁବକ ଓ ଗ୍ରାମବାସୀ ସହଯୋଗ କରିଥିଲେ ।ବାହାଦି ଠାକୁରଙ୍କ ପ୍ରତି ଅଞ୍ଚଳବାସୀଙ୍କ ଅତୁଟ ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ସହ ଏହି ଦଶରା ମହୋତ୍ସବ ପୁଣିଥରେ ଅଞ୍ଚଳର ଗୌରବମୟ ଲୋକସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ପ୍ରଦର୍ଶନ କରିଥିଲା ।

ଭୋଟର ତାଲିକା ପ୍ରସ୍ତୁତି ନେଇ ଜିଲ୍ଲାସ୍ତରୀୟ ବୈଠକ



ଦେବଗଡ଼, ୦୨ ।୧୧ (ଅକ୍ଷର ଓଡ଼ିଶା): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ଓ ସର୍ଭେ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରିବା ନେଇ ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଭୋଟର ତାଲିକା ସମ୍ପର୍କିତ ସର୍ଭେ କରାଯିବ। ଏହି ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯିବା ଉପରେ ଆଲୋଚନା ହୋଇଥିଲା ।ଏଥିସହ ମତଦାନ କେନ୍ଦ୍ରଗୁଡ଼ିକର ଭୌତିକ ଯାଞ୍ଚ, ଭୋଟର ବହ୍ନର ମରାମତି ଓ ଏହାର ସ୍ଥିତି ସମୀକ୍ଷା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସାହୁ ଆଲୋକପାତ କରିଥିଲେ। ସର୍ଭେ କାର୍ଯ୍ୟକୁ ସଠିକ୍ ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା ପାଇଁ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସହକାରୀ ଜିଲ୍ଲାପାଳ ରଶ୍ମୀ ରେଖା ମହନ୍ତ, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପ୍ରକଳ୍ପ ପ୍ରଶାସିକା ଆଦିବାସୀ ଉନ୍ନୟନ ସଂସ୍ଥା ସନ୍ଧ୍ୟା ମାଝୀ, ପୌର ପରିଷଦର ନିର୍ବାହୀ ଅଧିକାରୀ କମଳାସନ ରଥ, ରିଆମାଳ ବିଡିଓ ଆଦିତ୍ୟ ପଣ୍ଡା, ତିଲେଇବଣି ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବାରକୋଟ ବିଡିଓ ସୂର୍ଯ୍ୟକାନ୍ତ ବରିହାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

ଜାତୀୟ ଯୁବ ସମ୍ମିଳନୀରେ ଯୋଗ ଦେଲେ ପ୍ରକାଶ



ବଅଁରପାଲ,୦୨/୧୧ (ଅକ୍ଷର ଓଡିଶା): ବୃହତ ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ (ଆଇ ଏନ ଟୀ ୟୁ ସି)ର ଜାତୀୟ ଯୁବ ସଭାପତି ଡ଼ ପି ଶ୍ରୀନିବାସନ ଙ୍କ ନେତୃତ୍ୱରେ ହାଇଦ୍ରାବାଦ ସ୍ଥିତ ଜି,ଏସ,ଆର ଭବନ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡିଶାର ଯୁବ ସଭାପତି ପ୍ରକାଶ ବେହେରା ଅଂଶ ଗ୍ରହଣ କରିଥିବା ବେଳେ ଯୁବ ସାଧାରଣ ସମ୍ପାଦକ ଭବାନୀ ଦାସ,ରାକେଶ ସାହୁ,ଟିକନ ବେହେରା ଏବଂ ସୁବ୍ରତ ପ୍ରଧାନ ଶ୍ରୀ ବେହେରା ଙ୍କର ନେତୃତ୍ୱରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ,ଏହି ଯୁବ ସମ୍ମିଳନୀରେ ଆଗାମୀ ଦିନ ମାନଙ୍କରେ ରାଷ୍ଟ୍ରର ସମସ୍ତ ଶ୍ରମିକ ମାନେ କିପରି ନିଜର ମୌଳିକର ସୁରକ୍ଷା ସୁବିଧା ପାଇ ପାରିବେ ଏବଂ ଯୁବ ସଂଗଠକ ମାନେ ଏକତ୍ରିତ ହୋଇ ନୂତନ ୪ଟି ଶ୍ରମ କୋଡ଼କୁ ବିରୋଧ କରି ପ୍ରତ୍ୟାହୃତ ପାଇଁ ଆହ୍ୱାନ ପ୍ରଦାନ କରିଥିଲେ ଏବଂ ଏହି ସମ୍ମିଳନୀରେ ଜାତୀୟ ସଭାପତି ଡ଼ ସଂଜୀବା ରେଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉଚିତ ସୁରକ୍ଷା ଦେଇ ସେମାନଙ୍କୁ ତାଙ୍କର ସମସ୍ତ ପ୍ରକାର ପ୍ରାପ୍ୟ କିପରି ଅଧିକ ରୁ ଅଧିକ ପାଇ ପାରିବେ ସେ ବିଷୟରେ ଦୃଢୋକ୍ତି ପ୍ରଦାନ କରିଥିଲେ,ଏ ଭଳି ଜାତୀୟ ଯୁବ ମହା ମଞ୍ଚକୁ ମନୋନୀତ ହେବା ପାଇଁ ଜାତୀୟ ଉପ ସଭାପତି, ପୂର୍ବତନ ସାଂସଦ ତଥା ରାଜ୍ୟ ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ ଏବଂ ରାଜ୍ୟର ସମସ୍ତ ଶୀର୍ଷ ନେତୃତ୍ୱବୃନ୍ଦ ପାଇଁ ଜାତୀୟ ଯୁବ ସମ୍ମିଳନୀରେ ଓଡିଶା ତରଫରୁ ମନୋନୀତ ହୋଇପାରିଛ ।

ସୂଚନା ତଥ୍ୟ ଖୋଲିଦେଲା ପୂର୍ତ ବିଭାଗର ଭିତିରି ଗୁମର

ଆଇନର ଗଳା ବାଟ ଦେଇ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିଛନ୍ତି ନେତାଙ୍କ ଅନୁଗତ

ନିଶ୍ଚିନ୍ତକୋଇଲି ୦୨/୧୧(ଅକ୍ଷର ଓଡ଼ିଶା)-ମୋହନ ସରକାର ଦୁର୍ନୀତିମୁକ୍ତ ସ୍ୱଚ୍ଛ ଶାସନ ଆଣିବା ପାଇଁ ବିଭିନ୍ନ ବିଭାଗରେ ଟେଣ୍ଡର ପ୍ରକ୍ରିୟାକୁ ଗୁରୁତ୍ୱ ଦେଉଛନ୍ତି । ହେଲେ କେଉଁ ଅଦୃଶ୍ୟ ଶକ୍ତି ବଳରେ ପୂର୍ତବିଭାଗରେ ମିଳୁଛି ହାତଚିଠାରେ କାର୍ଯ୍ୟାଦେଶ। କିଛି ନିର୍ଦ୍ଦିଷ୍ଟ ଠିକାଦାର ନାମକୁ ମାତ୍ର କାର୍ଯ୍ୟ କରି ସରକାରୀ ରାଜକୋଷରୁ ଲୁଟୁଛନ୍ତି ଲକ୍ଷ ଲକ୍ଷ ଟଙ୍କା। ସୂଚନା ଆଇନ ବଳରେ ମିଳିଥିବା ତଥ୍ୟ। ସୂଚନା ମୁତାବକ କଟକ-୨ ପୂର୍ତ ବିଭାଗ ଅଧିନରେ ରହିଛି ସାଲେପୁର ସବଡିଭିଜନ କାର୍ଯ୍ୟାଳୟର ଭିତିରି ଗୁମର। ଏହି କାର୍ଯ୍ୟାଳୟ ଅଧିନରେ ବିଭିନ୍ନ କାର୍ଯ୍ୟପାଇଁ ବିନା ଟେଣ୍ଡରରେ ହାତ ଚିଠାରେ ବଂଟନ ହୋଇଛି କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ। କାର୍ଯ୍ୟାଦେଶ ହାତେଇଥିବା ସମସ୍ତ ଠିକାଦାର ହେଉଛନ୍ତି ରାଜନେତାଙ୍କ ଏକାନ୍ତ ଅନୁଗତ ବୋଲି କୁହାଯାଉଛି। ସୂଚନା ମୁତାବକ ସାଲେପୁର ପୂର୍ତ ବିଭାଗ ଉପଖଣ୍ଡ ଅଧିନରେ ରହିଛି ମାହାଙ୍ଗା ଅଂଚଳର ୫ଟି ପ୍ରମୁଖ ରାସ୍ତା। ଏହି ରାସ୍ତା ମଧ୍ୟରୁ ମାହାଙ୍ଗା-କଟିକଟା,ନିଶ୍ଚିନ୍ତକୋଇଲି- ଲଳିତଗିରି , ପାଗା-ଗୋପିନାଥପୁର ରାସ୍ତା ଅନ୍ୟତମ। ଏହି ୩ଟି ରାସ୍ତା କଡରେ ସୁରକ୍ଷା ସୂଚନା ଫଳକ ଲଗାଯିବା ପାଇଁ ବିଭାଗ ପକ୍ଷରୁ ବଡ ଘୋଟଲା ହୋଇଥିବା ଜଣାପଡିଛି। ୫ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯିବାର ନିୟମ ରହିଥିବା ବେଳେ ଏଠି ଆଇନର ଗଳାବାଟ ଦେଇ ୧କୋଟି ଉର୍ଦ୍ଧ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେବାକୁ ଥିବା କାର୍ଯ୍ୟକୁ ହାତ ଚିଠା ମାଧ୍ୟମରେ ନାମକୁମାତ୍ର ଟେଣ୍ଡର କରାଯାଇଥିବାର ଜଣାଯାଇଛି। ଏପରିକି ଗୋଟିଏ ରାସ୍ତାକୁ ଏକାଧିକ ଭାଗରେ ବିଭକ୍ତ କରାଯାଇ ୫ଲକ୍ଷରୁ କମ ବ୍ୟୟ ବରାଦ ଦର୍ଶାଇ ଠିକାଦାରକୁ ମିଳିଛି ମୋଟ ୧କୋଟି ୩ଲକ୍ଷ ୨୭ହଜାର ୭୧୮ଟଙ୍କାର କାର୍ଯ୍ୟାଦେଶ। ରାସ୍ତା ସୁରକ୍ଷା ସୂଚନା ଫଳକ ସଠିକ୍ ଢଙ୍ଗରେ ନଲଗାଇ କେବଳ ଫଟୋ ଉଠାଯାଇ ଯନ୍ତ୍ରୀ ଠିକାଦାର ପୂର୍ତ ବିଭାଗ ତହବିଲରୁ ଲୁଟିଛନ୍ତି କୋଟି କୋଟି ଟଙ୍କା। ମିଳିଥିବା ସୂଚନା ମୁତାବକ ମାହାଙ୍ଗା- କଟିକଟା ପୂର୍ତ ବିଭାଗ ରାସ୍ତାକୁ ୨ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ମାହାଙ୍ଗା -କଟିକଟା ହୋଇଥିବା ବେଳେ ଅନ୍ୟଟି ହେଉଛି ଛତରଡୋଟା-ଗୌଡପଡା ରାସ୍ତା । ସେହିପରି ପୂର୍ତ ବିଭାଗର ପାଗା-ଗୋପିନାଥପୁର ରାସ୍ତାକୁ ୨ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ କୁଆଁପାଳ-ଗୋପିନାଥପୁର ରାସ୍ତା ହୋଇଥିଲା ବେଳେ ଅନ୍ୟଟି କୁଆଁପାଳ ବାଲିଚନ୍ଦ୍ରପୁର ରାସ୍ତା ହୋଇଥିବା ଜଣାପଡିଛି। ତେବେ ମି

୨ ମହିଳା ମାଓବାଦୀ ଗିରଫ ଟିଫିନ୍ ଡବାରୁ ୨୧ ଲକ୍ଷ ଟଙ୍କା ଜବତ

ନୂଆପଡା :୦୨/୧୧(ଅକ୍ଷର ଓଡିଶା) ଓଡ଼ିଶା ଛତିଶଗଡ଼ ସୀମାନ୍ତ ମାଓ ଗତିବିଧି ନେଇ ବଡ ଘଟଣା ସମ୍ମୁଖରେ ଆସିଅଛି । ଆତ୍ମ ସମର୍ପଣ ମାଓବାଦୀ ମାନେ ଜଙ୍ଗଲରେ ଲୁଚାଇ ଥିବା ଟଙ୍କା ଆଣିବାକୁ ଯାଇଥିଲେ । ଗରିଆବନ୍ଧ ପୋଲିସ ଆତ୍ମସମର୍ପଣ କରିଥିବା ୨ ମାଓବାଦୀ ସହ ୧ ଜଣ ସହଯୋଗୀ ଙ୍କୁ ଗିରଫ କରିଛନ୍ତି । ଘଟଣା ସ୍ଥଳରେ ଟିଫିନ୍ ଡବା ରେ ବିଡ଼ା ବିଡ଼ା ୫୦୦

୨୧ ଲକ୍ଷ ସହ ଯୋଗୀଙ୍କୁ ଗିରଫ

ଟଙ୍କିଆ ନୋଟ ୨୧ ଲକ୍ଷ ଟଙ୍କା ଜବତ କରିଥିଲେ । ପୋଲିସ ପୂର୍ବରୁ ତାଙ୍କ ଉପରେ ତୀକ୍ଷ୍ଣ ନଜର ରହିଥିବା ବେଳେ ତାଙ୍କ ଗତିବିଧି ଉପରେ ନଜର ରହିଥିଲା । ଟିଫିନ୍ ଡବା ନେଇ ଫେରୁଥିବା ବେଳେ ତାଙ୍କୁ ସେହି ଜଙ୍ଗଲରେ ପୋଲିସ ଘେର ଧରିଥିଲେ । ଗରିଆବନ୍ଧ ପୋଲିସ ଘଟଣାସ୍ଥଳ ରେ ଟିଫିନ୍ ଡବାରୁ ୨୧ ଲକ୍ଷ ଟଙ୍କା ଜବତ କରିଛନ୍ତି । ଆତ୍ମ ସମର୍ପଣ ମାଓ ଦୁଇ ମହିଳା ମାନେ ତାଙ୍କ ସହଯୋଗୀ ଙ୍କୁ ନେଇ ଜଙ୍ଗଲରେ ଲୁଚାଇଥିବା ମାଟି ତଳରେ ଟଙ୍କା ପୋତିଥିଲେ । ସେହି ଟଙ୍କାକୁ ଆଣିବା ପାଇଁ ଦୁଇ ମହିଳା ମାଓ ସହ ଜଣେ ସମର୍ଥକ ଯାଇ ଆଣିବା ପ୍ରାୟ ସ କରୁଥିଲେ । ତାଙ୍କ



ପ୍ରୟାସ କୁ ପୋଲିସ ଭଣ୍ଡୁର କରି ତାଙ୍କୁ ଗିରଫ କରିଛନ୍ତି । ସମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ପକ୍ଷ ରୁ ଏସପି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ସୁକମା ଜିଲ୍ଲାର ଗାମଗୁଲାର ଗ୍ରାମର ସୀଙ୍ଗୋ ଔରଫ ରୋଶନୀ , ଚଳପତି ର ମୁଖ୍ୟ ଗାଡ ଥିଲେ । ଦ୍ୱିତୀୟ ସୁକମା ଜିଲ୍ଲା ଏଟେଗଟ୍ଟା ବୁଦ୍ଧରା ମୁଚାକି ଔରଫ ସୋନୀ , ତୃତୀୟ ଆରୋପି ଭୂତଟୋଣ୍ଡା ଗ୍ରାମ ମେନପୁର୍ ର ନୋହର ମରକାମ, ଙ୍କୁ ଗିରଫ କରିଛନ୍ତି । ଘଟଣା ସ୍ଥଳରୁୀ ଗୋଟି ମୋବାଇଲ୍ ଫୋନ୍, ଏକ ବାଇକ ଜବତ କରିଛନ୍ତି । ଏହି ସମ୍ପର୍କ ରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ କର୍ଣ୍ଣ ଓକେ ସୂଚନା ଦେଇଛନ୍ତି ।

ରନ୍ଧନ ଗ୍ୟାସ ସିଲିଣ୍ଡର ପାଇଁ ହନ୍ତସନ୍ତ ଗ୍ରାହକ

ନନ୍ଦପୁର ୦୨/୧୧ (ଶ୍ରୀରାମ ଖରା)କୋରାପୁଟ ଜିଲ୍ଲା ନନ୍ଦପୁର ଓଲମଡାପୁଟ ବ୍ଲକରେ ରନ୍ଧନ ଗ୍ୟାସ ସମସ୍ୟା ଦିନକୁ ଦିନ ଜଟିଳ ହେବାକୁ ଲାଗିଛି । ୨ ବ୍ଲକରେ ଥିବା ଏଚପି ଓ ଇଣ୍ଡାନା ଗ୍ୟାସ ଏଜେନ୍ସୀକୁ କର୍ତ୍ତୃପକ୍ଷ ନିଜ ମନମାନି ରେ ଚଳାଇଛନ୍ତି । ସରକାରଙ୍କ କିମ୍ବା ଏଚପି ଓ ଇଣ୍ଡାନା ବିତରକ ସଂସ୍ଥାର ଧାର୍ଯ୍ୟ ନିୟମକୁ ତିଳର ମାନୁ ନାହାନ୍ତି । ଯଦ୍ୱାରା ଗ୍ରାହକ ଗ୍ୟାସ ଏଜେନ୍ସୀ ଯାଇ ହଇରାଣ ହେଉଥିବା ସହ ଦିନ ତମାମ ଅପେକ୍ଷା ପରେ ଶେଷରେ ଖାଲି ସିଲିଣ୍ଡର୍ ଧରି ହାତରେ ଫେରୁଥିବା କହିଛନ୍ତି । ଗ୍ରାହକଙ୍କ ଅଭିଯୋଗ ମୁତାବକ ସମୟାନୁସାରେ ସିଲିଣ୍ଡର୍ ବୁକିଂ କରି ଓଟିପି ନେଇ ଏଜେନ୍ସୀକୁ ଗଲା ପରେ ମଧ୍ୟ ଗ୍ରାହକଙ୍କୁ ସିଲିଣ୍ଡର୍ ମିଳୁନାହିଁ ।ବିଶେଷ କରି ଏକଦା ଅବିଭକ୍ତ କୋରାପୁଟ ଜିଲ୍ଲାରେ ସର୍ବାଧିକ ଉଜାଲା ଗ୍ରାହକ ସୃଷ୍ଟି କରି ପୁରସ୍କୃତ ହୋଇଥିବା ଲମଡାପୁଟ ଡୁଡୁମା ଏଚପି ଗ୍ୟାସ ଏଜେନ୍ସୀ ବର୍ତ୍ତମାନ ଗ୍ରାହକଙ୍କ ପାଇଁ ଅସୁବିଧାର କାରଣ ସାଜିଛି । ଏଜେନ୍ସୀରେ ନନ୍ଦପୁର, ସେମିଳିଗୁଡା, ପଟାଙ୍ଗି, ବୈପାରିଗୁଡା, ଲମଡାପୁଟ ବ୍ଲକ ସମେତ ମାଲକାନଗିରି ଜିଲ୍ଲା ଓ ଆନ୍ଧ୍ର ଅଞ୍ଚଳର ୪୦ ହଜାରରୁ ଉର୍ଦ୍ଧ୍ୱ ଗ୍ୟାସ ଉପଭୋକ୍ତା ଥିବାରୁ ଦୂର ଦୂରାନ୍ତରୁ ଆସି ଲୋକେ ହଇରାଣ ହେଉଛନ୍ତି । ଉକ୍ତ ଏଜେନ୍ସୀର କାର୍ଯ୍ୟାଳୟ ଡଲିଗୁଡା ନିକଟରେ ଥିବାବେଳେ ଗୋଦାମ ୪ କିମି ଦୂର ଦେଉଳପଡା ନିକଟରେ ରହିଛି । ସମୟାନୁସାରେ ବୁକିଙ୍ଗ କରିବା କିମ୍ବା ଓଟିପି ନେଇ ସିଲିଣ୍ଡର୍ ପ୍ରଦାନ କରିବାରେ ଏଜେନ୍ସୀ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି । ସପ୍ତାହର ଦିନେ ଦୁଇଦିନ ଏଜେନ୍ସୀ ତରଫରୁ ଦିନ ଧାର୍ଯ୍ୟ



କରାଯାଇ ଗ୍ରାହକଙ୍କୁ ଗ୍ୟାସ ସିଲିଣ୍ଡର୍ ବିତରଣ କରାଯାଉଛି । ଫଳତଃ ଉକ୍ତ ଦିନ ଏଜେନ୍ସୀ କାର୍ଯ୍ୟଳୟ ଓ ଗୋଦାମ ସମ୍ମୁଖରେ ହାଟ ବସିବା ଭଳି ଲୋକଙ୍କ ଗହଳି ଜମୁଛି । ଲୋକେ ଗହଳି ଭିତରେ ଦିନ ତମାମ ଛିଡ଼ା ହୋଇ ସନ୍ଧ୍ୟାରେ ସିଲିଣ୍ଡର୍ ନପାଇ ଖାଲି ହାତରେ ଫେରୁଥିବା କହିଛନ୍ତି । ବିତରକ ସଂସ୍ଥା ତରଫରୁ ବୁକିଙ୍ଗ ପରେ ଗ୍ୟାସ୍ ସିଲିଣ୍ଡର୍ ଘରେ ପହଞ୍ଚାଇବାର ନିୟମ ରହିଛି । ପୂର୍ବରୁ ଏଜେନ୍ସୀ ତରଫରୁ ଗାଁ ଗାଁ କୁ ଗାଡ଼ିରେ ଗ୍ୟାସ ସିଲିଣ୍ଡର୍ ନେଇ ଗ୍ରାହକଙ୍କୁ ଘର ମୁହଁରେ ଯୋଗାଇ ଦିଆଯାଉଥିଲା । କିନ୍ତୁ ଏବେ ଆଉ ସେ ନିୟମ ନାହିଁ ବୋଲି ଏଜେନ୍ସୀ ତରଫରୁ କୁହାଯାଉଛି । ତେଣୁ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଧର୍ମପରାୟଣା ମହିଳାଙ୍କ ପରଲୋକ

ରଣପୁର ୧/୧୧ (ଅକ୍ଷର ଓଡିଶା) ରଣପୁର ବ୍ଲକ ଅନ୍ତର୍ଗତ ଲୋଧାଛୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ସାହିର ବରିଷ୍ଠ ବିଜେପି ନେତା ଜୟନ୍ତ କୁମାର ନାୟକଙ୍କ ମାତା ପୁଷ୍ପଲତା ନାୟକଙ୍କ (୭୫)ବର୍ଷରେ ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି ! ସୂଚନା ଅନୁଯାୟୀ ଗତ ଶନିବାର ଦିନ ପୁଷ୍ପଲତା ନାୟକ ହଠାତ୍ ନିଶ୍ୱାସ ନେବାରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକମାନେ ତାଙ୍କୁ ପ୍ରଥମେ ରଣପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତିକରିଥିଲେ ! ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ



ତାଙ୍କ ଡାକ୍ତର ଭ୍ରୁବନେଶ୍ୱର ସ୍ଥାନାନ୍ତର କରିଥିଲେ ! ଭୁବନେଶ୍ୱରସ୍ଥିତ କେୟର ହସ୍ପିଟାଲରେ ତାଙ୍କର ଚିକିତ୍ସା ଅବସ୍ଥାରେ ହୃଦଘାତରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଏହି ଶୋକାକୁଳ ମୁହୂର୍ତ୍ତରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ରାଜସୁନାଖଳା ମଣ୍ଡଳ ବିଜେପି ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅଭିଷେକ ସାମନ୍ତରାୟ, ପରେଶ ମିଶ୍ର,ଓ ବହୁ ବିଜେପି କର୍ମକର୍ତ୍ତା ଏବଂ କର୍ମୀମାନେ ସ୍ୱର୍ଗୀତା ପୁଷ୍ପ ଲତା ନାୟକଙ୍କ ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଧର୍ଯ୍ୟ ଓ ସହାନୁଭୂତି ଜଣାଇଥିଲେ ! ସ୍ୱର୍ଗୀତା ପୁଷ୍ପଲତା ନାୟକ ଏକାଧାରରେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ମର ଶରୀର ନିକଟରେ ୪ ପୁଅ, ବୋହୂ, ନାତି, ନାତୁଣୀ ଓ ବନ୍ଧୁ-ବାନ୍ଧବ ପରିଜନମାନେ ଉପସ୍ଥିତ ଥିଲେ ! ଆଜି ରାତି ୮ରେ ତାଙ୍କର ମର ଶରୀରକୁ ନିଜ ପୈତୃକ ଲୋଧାଛୁଆ ଗ୍ରାମ ଶ୍ମଶାନରେ ଶେଷ ସଂସ୍କାର କରାଯାଇଛି । ଜ୍ୟେଷ୍ଠ ପୁତ୍ର ଜୟନ୍ତ କୁମାର ନାୟକ ମୁଖାଗ୍ନି ଥିବାବେଳେ କନିଷ୍ଠ ପୁତ୍ର ଅଶୋକ କୁମାର ନାୟକ, ସଞ୍ଜୟ କୁମାର ନାୟକ ଓ ସନ୍ଦୀପ କୁମାର ନାୟକ ଉପସ୍ଥିତ ଥିଲେ ।

ହଂସୁଆ ନଦୀ ପାଲଟିଛି ବଉଳା କୁମ୍ଭୀରଙ୍କ ପାଇଁ ଏନ୍ଥୁଡ଼ି ଶାଳ

ଗୋଟିଏ ମାସ ଭିତରେ ୫ଟି ବଉଳା କୁମ୍ଭୀର ମୃତ



ରାଜନଗର,୦୨/୧୧(ଅକ୍ଷର ଓଡ଼ିଶା)ଜାତୀୟ ଉଦ୍ୟାନ ଭିତରକନିକା ବଉଳା କୁମ୍ଭୀର ମାନଙ୍କ ପାଇଁ ବିଶ୍ୱ ପ୍ରସିଦ୍ଧ,ଖାଦ୍ୟ ଅନେଶ୍ୱଣରେ ସେହି ଜାତୀୟ ଉଦ୍ୟାନ ଭିତରକନିକାରୁ ବାହାରି ଆସି ହଂସୁଆ ନଦୀରେ ଜୀବନ ଜାପାନ କରୁଥିବା ବଉଳା କୁମ୍ଭୀର ଏବେ ମରଣ ଯନ୍ତାରେ ପଡିଛନ୍ତି । ଯେଉଁ ହଂସୁଆ ନଦୀ ସେମାନଙ୍କ ପାଇଁ ସୁରକ୍ଷାର ବାସସ୍ଥଳୀ ହୋଇଥିଲା ତାହା ଆଜି ମରଣ ଯନ୍ତା ପାଲଟିଛି, ଗୋଟିଏ ମାସରେ ୫ ଟି ବଉଳା କୁମ୍ଭୀର ମରି ସାରିଲେଣି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାଇ ପ୍ରତିଦିନ ହଂସୁଆ ନଦୀରେ ଚିଙ୍ଗୁଡ଼ି ମରା ଔଷଧ ଓ ଭେକ୍ଟା ଜାଲ କବଳରେ ଆସି ଜୀବନ ହରାଉଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ଏହାର କୌଣସି ପ୍ରତିକାର ମିଳି ପାରିନି,ଅନ୍ୟ ପଟେ ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼କୋଟ ଗାଁ ନଦୀ କୂଳରେ ୧୦ ଦିନ ପୂର୍ବରୁ ୀ ଫୁଟ ଲମ୍ବର ବଉଳା କୁମ୍ଭୀର ମରି ପଡିଥିବା ବେଳେ ପୁଣି ସେହି ଠାରୁ ୨୦ ମିଟର ଦୂରରେ ପୁଣି ଏକ ୫ ଫୁଟ ଲମ୍ବର ବଉଳା କୁମ୍ଭୀର ମରିପଡିଥିବାର ନଜର ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ମୃତ ଶରୀର ପାଖାପାଖି ଦୁଇ ଦିନ ତଳ ର ଯାହା ଦୁର୍ଗନ୍ଧରେ ଫାଟି ପଡୁଛି । ଯଦି ବନ ବିଭାଗ ପ୍ରତିଦିନ ପାଟ୍ରୋଲିଙ୍ଗ କରନ୍ତା ତେବେ ଏହି କୁମ୍ଭୀର ମାନେ ମରନ୍ତେ ନାହିଁବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଆସିକା ଉପଖଣ୍ଡ ଚିକିତ୍ସାଳୟର ଦୁର୍ଦ୍ଦଶା, ଦୁଃଖ ଶୁଣିବ କିଏ

ବନ୍ୟାରେ ନଷ୍ଟ ହେଲା କୋଟି କୋଟି ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର



ଆସିକା :- ୦୨/୧୧ (ଅକ୍ଷର ଓଡିଶା)ଚଳିତ ଅର୍ଣ୍ଣବ ବନ୍ୟାରେ ଆସିକା ଉପଖଣ୍ଡ ଚିକିତ୍ସାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଦିନରାତି ରୋଗୀଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଏହି ଚିକିତ୍ସାଳୟର ଚିତ୍ର ବନ୍ୟା ପରେ ସମ୍ପୂର୍ଣ୍ଣ ବଦଳିଯାଇଛି । ଏବେ ଚିକିତ୍ସାଳୟର ଦୁରବସ୍ଥା ଦେଖିଲେ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି ।ଆସିକା ସମେତ ଧରାକୋଟ, ଶେରଗଡ଼, କବିସୂର୍ଯ୍ୟନଗର, ପୋଲସରା ଓ ସୋରଡ଼ା ଅଞ୍ଚଳର ହଜାର ହଜାର ରୋଗୀ ଉତ୍ତମ ଚିକିତ୍ସା ପାଇଁ ଏହି ଚିକିତ୍ସାଳୟ ଉପରେ ନିର୍ଭରଶୀଳ । ବନ୍ୟା ଆସିବା ଦିନ ମଧ୍ୟ ଏଠାରେ ୧୫ ଜଣ ମହିଳାଙ୍କ ପ୍ରସବ ହୋଇଥିବା ଜଣାପଡ଼ିଛି । କିନ୍ତୁ ବନ୍ୟାଜଳରେ ଚିକିତ୍ସାଳୟ ଜଳମଗ୍ନ ହେବା ପରେ ଏହାର ସମଗ୍ର ପରିବେଶ ଓ କାର୍ଯ୍ୟବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ।ବନ୍ୟାଜଳ ଯୋଗୁଁ ଚିକିତ୍ସାଳୟର ଟେବୁଲ, ଚେୟାର, କମ୍ପ୍ୟୁଟର, ଅତ୍ୟୋପଚାର ସାମଗ୍ରୀ, ଏକ୍ସ-ରେ ମେସିନ, ଅଲଟ୍ରାସାଉଣ୍ଡ ମେସିନ, ଦନ୍ତ ଚିକିତ୍ସା ଉପକରଣ ଏବଂ ରକ୍ତଭଣ୍ଡାରର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଦମକଳ ବାହିନୀ ପକ୍ଷରୁ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟ ଜାରି ରହିଛି । ପ୍ରାଥମିକ ଆକଳନ ଅନୁସାରେ ଏହି ବନ୍ୟାରେ ପାଞ୍ଚ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି ।ଏତେ ବଡ଼ ଜନସ୍ୱାସ୍ଥ୍ୟ ଅନୁଷ୍ଠାନର ଏଭଳି ଦୁର୍ଦ୍ଦଶା ପରେ ଏହାର ପୁନରୁଦ୍ଧାର କେବେ ହେବ, ନଷ୍ଟ ହୋଇଥିବା ଯନ୍ତ୍ରପାତି କେବେ ପୁନଃସ୍ଥାପନ ହେବ ଏବଂ ସ୍ୱାଭାବିକ ରୋଗୀସେବା କେବେ ଆରମ୍ଭ ହେବ, ତାହାକୁ ନେଇ ଅଞ୍ଚଳବାସୀ ଚିନ୍ତିତ । ତେଣୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି କ୍ଷୟକ୍ଷତିର ସଠିକ୍ ଆକଳନ, ଆବଶ୍ୟକ ଅନୁଦାନ ଯୋଗାଣ ଓ ଚିକିତ୍ସାଳୟର ପୁନରୁଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ବନ୍ୟାରେ ଆସିକା ଉପକାରାଗାରର ୫୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୟକ୍ଷତି



ଆସିକା, ୦୨/୧୧/(ଅକ୍ଷର ଓଡିଶା) ଚଳିତ 'ଅର୍ଣ୍ଣବ' ବାତ୍ୟା ପରବର୍ତ୍ତୀ ପ୍ରବଳ ବନ୍ୟାରେ ଆସିକା ଉପକାରାଗାରର ବ୍ୟାପକ କ୍ଷୟକ୍ଷତି ଘଟିଛି । ବନ୍ୟାଜଳ ମାଡ଼ି ଆସିବା ଫଳରେ ଜେଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି, ଯାନବାହନ, କାର୍ଯ୍ୟାଳୟ ସାମଗ୍ରୀ ଓ ଭିତ୍ତିଭୂମି ନଷ୍ଟ ହୋଇଥିବା ଜଣାପଡ଼ିଛି । ପ୍ରାଥମିକ ଆକଳନ ଅନୁଯାୟୀ, କ୍ଷୟକ୍ଷତିର ପରିମାଣ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆଶଙ୍କା କରାଯାଉଛି ।ପ୍ରାୟ ୩୫ ବର୍ଷର ପୁରୁଣା ଏହି ଉପକାରାଗାରରେ ବନ୍ୟାର ପ୍ରଭାବରେ ସିସିଟିଭି କ୍ୟାମେରା, ଜେନେରେଟର, କମ୍ପ୍ୟୁଟର, ପେରିମିଟର ୱାଲ୍ ବା ସୁରକ୍ଷା ପାଚେରୀ, ଆମ୍ବୁଲାନ୍ସ ଗାଡ଼ି, ଜେଲର ପ୍ରବେଶ ପଥ, କର୍ମଚାରୀଙ୍କ କ୍ୱାର୍ଟର୍ସର କାନ୍ଥ, ଚିକିତ୍ସା ସାମଗ୍ରୀ ସମେତ ବହୁ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି । ବିଶେଷକରି ସିସିଟିଭି ଓ ସୁରକ୍ଷା ପାଚେରୀ କ୍ଷତିଗ୍ରସ୍ତ ହେବା ଜେଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ାଇଛି ।ସୂଚନା ଅନୁଯାୟୀ, ଆସିକା ଉପକାରାଗାରରେ ୧୫୦ ଜଣ କଏଦୀଙ୍କ ରହିବା କ୍ଷମତା ଥିବାବେଳେ ବର୍ତ୍ତମାନ ୧୬୧ ଜଣ କଏଦୀ ରହୁଛନ୍ତି । ସେମାନଙ୍କ ମଧ୍ୟରେ ୬ ଜଣ ମହିଳା କଏଦୀ ଅଛନ୍ତି । ଅର୍ଥାତ୍ ଧାର୍ଯ୍ୟ କ୍ଷମତାଠାରୁ ୧୧ ଜଣ ଅଧିକ କଏଦୀ ଏଠାରେ ରହୁଛନ୍ତି ।ଜେଲ ଅଧୀକ୍ଷକ ଖଗେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେ ଉପସହକାରୀ କାରାପାଳ ଅନଞ୍ଜୟ ପ୍ରଧାନ, ଜଣେ ଫାର୍ମାସିଷ୍ଟ, ୧୦ ଜଣ ପୁରୁଷ କର୍ମଚାରୀ ଓ ୨ ଜଣ ମହିଳା କର୍ମଚାରୀ ଜେଲରେ ନିୟୋଜିତ ରହି କଏଦୀଙ୍କ ସୁରକ୍ଷା ଓ ଦୈନନ୍ଦିନ କାର୍ଯ୍ୟ ତୁଲାଉଛନ୍ତି ।ବିଶେଷକରି ସିସିଟିଭି ବ୍ୟବସ୍ଥା, ପାଚେରୀ, ଆମ୍ବୁଲାନ୍ସ ଓ ଚିକିତ୍ସା ସାମଗ୍ରୀର ପୁନଃବ୍ୟବସ୍ଥା କରାନଗଲେ ଜେଲର ସୁରକ୍ଷା ଓ କଏଦୀଙ୍କ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେବାର ଆଶଙ୍କା ରହିଛି । ତେଣୁ ସରକାର ଓ ସମ୍ପୃକ୍ତ କାରା ବିଭାଗ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ଅନୁଦାନ ଯୋଗାଇଦେବାକୁ ଦାବି ହେଉଛି ।

ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କଳାହାଣ୍ଡି. ୨.୧୧.:(ରାମ କୁମାର ସେନାପତି)ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ ।ଏହି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନୁୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ସି ଡି ଓ,ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ,ଉପ ଜିଲ୍ଲାପାଳ ଭବାନୀପାଟଣା ଆଶିନି ଏ ଏଲ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ଆଶାରେ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ଓ ଅଭିଯୋଗକୁ ଜିଲ୍ଲାପାଳ ନିକଟରେ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ



ଦେଇଥିଲେ ।ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା । ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣ ଙ୍କୁ ଏବଂ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୧୧ଟିର ସମାଧାନ ତତ୍କାଳ ଘଟଣାସ୍ଥଳରେ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ତ୍ୱରିତ ତଦନ୍ତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଥିଲା । ଏହି ଅବସରରେ ମହାରାଣୀ କସ୍ତୁରିକା ମୋହିନୀ ଦେବୀ+୩ ମହାବିଦ୍ୟାଳୟ ର ଦୃଷ୍ଟି ବାଧୀତ ଛାତ୍ର ପ୍ରେମଲାଲ ଠାକୁର ଏବଂ କେସିଙ୍ଗା ମହାବିଦ୍ୟାଳୟ ର ଛାତ୍ର ସୁମନ୍ତ ସାହୁ ଙ୍କୁ ଜିଲ୍ଲାପାଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଯୋଜନା ଅନ୍ତର୍ଗତ ଲାପଟପ୍ କୁ ପ୍ରଦାନ କରିଥିଲେ ।

ରାୟଗଡ଼ ଠାରେ ଜିଲ୍ଲାପାଳଙ୍କର ମିଳିତ ଅଭିଯୋଗ ଶୁଣାଣି



ରାୟଗଡ଼ ୦୨/୧୧/: (କୈଳାସ ସ୍ୱାଇଁ)ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ



ମଙ୍ଗଳବାର ୦୩।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଜିମ୍ବାୱେକୁ ୭୯ ରନ୍‌ରେ ପରାସ୍ତ କରି ଏକପାଖିଆ ବିଜୟ ହାସଲ କଲା ଆଫଗାନିସ୍ତାନ



ନୂଆଦିଲ୍ଲୀ, ୦୨/୧୧ : ନୁର ଅହମ୍ମଦଙ୍କ ଶକ୍ତିଶାଳୀ ବୋଲିଂ ଯୋଗୁଁ ଆଫଗାନିସ୍ତାନ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଜିମ୍ବାୱେକୁ ସାତ ୱିକେଟରେ ପରାସ୍ତ କରିଛି। ଜିମ୍ବାୱେକୁ ୭୯ ରନ୍‌ରେ ଆଉଟ କରିବାରେ ନୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଫଗାନିସ୍ତାନ ୮.୧ ଓଭରରେ ତିନି ୱିକେଟ ହରାଇ ଲକ୍ଷ୍ୟକୁ ପିଛା କରିବାରେ ସାହାଯ୍ୟ କରିଥିଲେ। ଆଫଗାନିସ୍ତାନ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୩-୦ରେ ଜିତିଛି। ସାରଜାଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନୁର ୩.୩ ଓଭରରେ ୧୩ ରନ୍ ଦେଇ ପାଞ୍ଚ ୱିକେଟ୍ ନେଇଥିଲେ। ଏଥି ସହିତ ନୁର ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

୮୦ ରନର ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ପ୍ରଥମ ଓଭରରୁ ହିଁ ସେମାନଙ୍କର ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲା। ମହମ୍ମଦ ଆକ୍ରମ ଏହି ଓଭରରେ ୧୪ ରନ କରିଥିଲେ ଏବଂ ଚତୁର୍ଥ ବଲରେ ଆଉଟ ହୋଇଥିଲେ। ସେ ତିନୋଟି ଚମତ୍କାର ଚୌକା ମାରିଥିଲେ। ଆଶୀର୍ବାଦ ମୁଜାରାବାନି ତାଙ୍କର ୱିକେଟ୍ ନେଇଥିଲେ। ତାଙ୍କ ପଛକୁ ଆସିଥିବା ସେଦିକୁଲ୍ଲାହ ଅଟଲ ପଞ୍ଚମ ଓଭରର ଚତୁର୍ଥ ବଲରେ ଆଉଟ ହୋଇଥିଲେ। ସେ ୧୭ ବଲ୍ ରୁ ୨୫ ରନ୍ କରିଥିଲେ, ଯେଉଁଥିରେ ୪ଟି ଚୌକା ଥିଲା। ସେହି ଓଭରର ଶେଷ ବଲ୍ ରେ ନୁର ଉଲ୍ ରେହମାନ ଆଉଟ୍ ହୋଇଥିଲେ। ଅଧିନାୟକ ଇବ୍ରାହିମ୍ ଜାଦ୍ରାନ୍ ଏବଂ ଆଜମାତୁଲ୍ଲା ଓମାରଜାଇ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଜାଦ୍ରାନ୍ ୧୭ ବଲ୍ ରୁ ୨୫ ରନ୍ କରିଥିଲେ, ଯେଉଁଥିରେ ୪ଟି ଚୌକା ଥିଲା। ଓମାରଜାଇ ୧୮ ରନ୍ କରିଥିଲେ। ବ୍ୟାଟିଂ ସମୟରେ ଜିମ୍ବାୱେର ଖେଳାଳିମାନେ ନୁରଙ୍କ ସ୍ପିନ୍ ସହ୍ୟ କରିପାରି ନଥିଲେ। କେବଳ ଦୁଇଜଣ ବ୍ୟାଟ୍‌ସମ୍ୟାନ୍ ଦୁଇ ଅଙ୍କ ଛୁଇଁପାରିଥିଲେ। ରିଆନ୍ ବର୍ଲ ସର୍ବାଧିକ ୩୦ ରନ୍ କରିଥିଲେ। ୱେସ୍ଲି ମାଧେଭେରେ ୧୦ ରନ୍ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍‌ସମ୍ୟାନ୍ ଉତ୍ସାହଜନକ ପ୍ରଦର୍ଶନ କରିପାରି ନଥିଲେ।

ଦିନିକିଆ ମାନ୍ୟତା ଶୀର୍ଷରେ ଭାରତ



ଦୁବାଇ, ୦୨/୧୧ : ଆଇସିସି ଦିନିକିଆ ମାନ୍ୟତାରେ ଭାରତ ପ୍ରଥମ ସ୍ଥାନ ବଜାୟ ରଖିଛି। ଭାରତ ୧୧୫ ରେଟିଂ ସହ ଶୀର୍ଷରେ ରହିଛି। ଭାରତ ଜୁନ ମାସରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାକୁ ୩-୦ରେ ଜିତିଥିବାବେଳେ ଜୁଲାଇରେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୧-୨ରେ ପରାସ୍ତ ହୋଇଥିଲା। ନିକଟରେ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାରେ ଭାରତ ୨-୧ରେ ବିଜୟୀ ହୋଇଥିଲା।

କିନ୍ତୁ ଚଳିତ ବର୍ଷ ଜାନୁଆରିରେ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଶୃଙ୍ଖଳାକୁ ଭାରତ ୧-୨ରେ ହାରିଯାଇଥିଲା। ବୁଧବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେଉଥିବାରୁ ତାହାକୁ ଜିତି ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଉଦ୍ୟମ କରିବ ଭାରତୀୟ ଦଳ।

ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଆରମ୍ଭ

ସୋମବାର ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ତୃତୀୟ, ପାକିସ୍ତାନ ଚତୁର୍ଥ ଏବଂ ଅଷ୍ଟ୍ରେଲିଆ ପଞ୍ଚମ ସ୍ଥାନରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଫଗାନିସ୍ତାନ ଷଷ୍ଠ ସ୍ଥାନରେ ରହି ନିଜର ସର୍ବକାଳୀନ ଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଆୟର୍ଲାଣ୍ଡ ବିପକ୍ଷରେ ୪-୦ରେ ଦିନିକିଆ ସିରିଜ୍ ବିଜୟ ଏବଂ ଜିମ୍ବାୱେ ଓ ବାଂଲାଦେଶକୁ ନେଇ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଅପରାଜିତ ରହିବା ଆଫଗାନିସ୍ତାନର ଏହି ଉନ୍ନତିର ପ୍ରମୁଖ କାରଣ।

ଡ୍ରେସିଂରୁମରୁ ଗମ୍ଭୀରଙ୍କ କଡ଼ା ଚେତାବନୀ

ନୂଆଦିଲ୍ଲୀ, ୦୨/୧୧ : ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜକୁ ୩-୨ରେ ଜିତିନେଇଛି ଭାରତ। ଶ୍ରେୟସ ବାହିନୀଙ୍କୁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ଦଳର ମୁଖ୍ୟ ପ୍ରଶିକ୍ଷକଙ୍କ ଏକ ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଚେତାବନୀ ଦେଉଥିବା ଦେଖିବାକୁ ମିଳିଛି। ଡ୍ରେସିଂରୁମର ଏହି ଭିଡିଓଟି ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଥିବାବେଳେ ୟୁଜର୍ସମାନେ ବିଭିନ୍ନ କମେଣ୍ଟ ଦେଉଥିବା ଦେଖିବାକୁ ମିଳିଛି।

ଭିଡିଓରେ ଦେଖିବାକୁ ମିଳିଛି, ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରରେ ଭାରତର ବିଜୟ ପରେ ଖେଳାଳିମାନଙ୍କୁ ଏକ ପ୍ରେରଣାଦାୟୀ ଅଭିଭାଷଣ ଦେଉଛନ୍ତି ଗମ୍ଭୀର। ପ୍ରଶଂସା କରିବା ସହ ଚେତାବନୀ ମଧ୍ୟ ଦେଇଛନ୍ତି। ପ୍ରଥମ ତିନୋଟି ମ୍ୟାଚରେ ବଡ଼ ବିଜୟ ହାସଲ କରିଥିବାବେଳେ ଶେଷ ୨ ମ୍ୟାଚରେ ପରାଜୟକୁ ନେଇ ଦଳକୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ତେବେ ବିସିସିଆଇ ପକ୍ଷରୁ ସେୟାର କରାଯାଇଥିବା ଭିଡିଓରେ ଗମ୍ଭୀର କହିଛନ୍ତି କି, ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ସିରିଜ ଜିତିବା ଏକ ବଡ଼ ଉପଲବ୍ଧୀ। ଯାହାକି ଆମ ପାଇଁ ଗର୍ବର ବିଷୟ। ଏହାପରେ ସେ ଦିନିକିଆ ଏବଂ ଟେଷ୍ଟ ସିରିଜ୍ ଉପରେ ଧ୍ୟାନ ଦେବା ଉପରେ କହିଛନ୍ତି। ଶେଷ ଦୁଇଟି ମ୍ୟାଚ୍ ହାରିବା ଏବଂ ଆଗାମୀ ଶ୍ରୀଲଙ୍କା ସିରିଜ୍‌କୁ ଦୃଷ୍ଟିରେ ରଖି ଗମ୍ଭୀର ଖେଳାଳିମାନଙ୍କୁ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ କୌଣସି ବି ପ୍ରତିଦ୍ୱନ୍ଦ୍ୱୀ ଦଳକୁ ହାଲୁକା ଭାବେ ନେଇପାରିବୁ ନାହିଁ। ବ୍ରେକ୍ ସମୟରେ ଖେଳାଳିମାନଙ୍କ ଫିଟନେସ୍ ଉପରେ ଗୁରୁତ୍ୱ ଦେଇ ଗମ୍ଭୀର ସ୍ପଷ୍ଟ କରିଛନ୍ତି, ଯେ 'ଆମେ ଜାଣୁ ଯେ ଆମକୁ ଅଧିକ ଟି-୨୦ କ୍ରିକେଟ୍ ଖେଳିବାର ନାହିଁ। ବର୍ତ୍ତମାନ ଆମ ପାଖରେ ପ୍ରାୟ ଏକ ମାସର ବ୍ରେକ୍ ଅଛି। ତେଣୁ ଏହି ସମୟ ମଧ୍ୟରେ ଯେପରି ଫିଟନେସ୍‌ରେ କୌଣସି ଅବନତି ନ ଘଟେ, ସେଥିପ୍ରତି ସମସ୍ତେ ସଜାଗ ରହିବେ। ଆମକୁ ଏକ ଦଳ ଭାବେ ଚିନ୍ତା କରିବାକୁ ପଡ଼ିବ ଏବଂ ଏକାଠି ଆଗକୁ ବଢ଼ିବାକୁ ପଡ଼ିବ।'

ଫିଲିପ୍ସଙ୍କ କୀର୍ତ୍ତିମାନ



ହାମିଲଟନ, ୦୨/୧୧ : ନ୍ୟୁଜିଲାଣ୍ଡର ବିସ୍ଫୋରକ ବ୍ୟାଟ୍‌ସମ୍ୟାନ ଗ୍ଲେନ ଫିଲିପ୍ସ ନୂତନ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଏକ ଦ୍ୱିପାକ୍ଷିକ ଟି୨୦ ଶୃଙ୍ଖଳାରେ ଫିଲିପ୍ସ ସର୍ବାଧିକ ରନ କରିବାରେ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ଶୃଙ୍ଖଳାରେ ଫିଲିପ୍ସ ୩୪୧ରନ କରିଛନ୍ତି। ୫ ମ୍ୟାଚ ବିଶିଷ୍ଟ ଏକ ଟି୨୦ ଶୃଙ୍ଖଳାରେ ଏହା ବ୍ୟକ୍ତିଗତ ସର୍ବାଧିକ ସ୍କୋର। ପୂର୍ବରୁ ଉକ୍ତ କୀର୍ତ୍ତିମାନ ଅନ୍ୟତମ ନ୍ୟୁଜିଲାଣ୍ଡ ବ୍ୟାଟ୍‌ସମ୍ୟାନ ଫିଲ ସଲ୍ଟଙ୍କ ନାମରେ ଥିଲା। ସଲ୍ଟ ୨୦୨୩ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ଶୃଙ୍ଖଳାରେ ୩୩୧ରନ କରିଥିଲେ। ଏହା ପଛକୁ ପାକିସ୍ତାନର ମହମ୍ମଦ ରିଜ୍ୱାନ ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ୩୧୬ରନ କରିଥିଲେ। ଫିଲିପ୍ସ ଭାରତ ବିପକ୍ଷ ଟି୨୦ ଶୃଙ୍ଖଳାରେ ୫ଟି ମ୍ୟାଚରୁ ୩ ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ସହ ୩୪୧ରନ କରିଛନ୍ତି। ସେ ପ୍ରଥମ ମ୍ୟାଚରେ ୮୨ରନ, ଦ୍ୱିତୀୟ ମ୍ୟାଚରେ ୭୦ରନ , ତୃତୀୟ ମ୍ୟାଚରେ ୧୭, ଚତୁର୍ଥ ମ୍ୟାଚରେ ୧୦୭ରନ ଓ ପଞ୍ଚମ ମ୍ୟାଚରେ ୬୫ରନ କରି ଅପରାଜିତ ରହିଥିଲେ।

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ତୃତୀୟ ମ୍ୟାଚରୁ ପନ୍ତ୍ ବାଦ୍



ନୂଆଦିଲ୍ଲୀ, ୦୨/୧୧ : ୱିକେଟରକ୍ଷକ ବ୍ୟାଟ୍ସମ୍ୟାନ ଋଷଭ ପନ୍ତ୍ ଚଳିତ ନଭେମ୍ବର ୭ରୁ ଭାରତ ଓ 'ଏ ' ଓ ନ୍ୟୁଜିଲାଣ୍ଡ 'ଏ' ମଧ୍ୟରେ ଲିଙ୍କନରେ ଖେଳାଯିବାକୁ ଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ପନ୍ତ୍ ଆହତ ପାଇଁ ପ୍ରଥମ ଦୁଇ ମ୍ୟାଚରୁ ମଧ୍ୟ ବାଦ୍ ପଡ଼ିଥିଲେ। ଫଳରେ ହାମିଲଟନରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ପନ୍ତ୍ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଇରାନୀ କପ୍ ଫାଇନାଲରେ ରେଷ୍ଟ ଅଫ ଇଣ୍ଡିଆ ପକ୍ଷରୁ ଖେଳିଥିବା ସମୟରେ ପନ୍ତ୍‌ଙ୍କ ବାମ ପାର୍ଶ୍ୱ ମାଂଶପେସୀରେ ଆଘାତ ଲାଗିଥିଲା। ଆଘାତରୁ ପନ୍ତ୍ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଏଥିପାଇଁ ସେ ପ୍ରଥମ ଦୁଇ ଅନ ଅଫିସିଆଲ ଟେଷ୍ଟରୁ ବାଦ ପଡ଼ିଥିଲେ। ସେ ତୃତୀୟ ମ୍ୟାଚ ଖେଳିବା ନେଇ ଆଶା କରାଯାଉଥିଲା। କିନ୍ତୁ ସେ ଉକ୍ତ ମ୍ୟାଚରୁ ମଧ୍ୟ ଓହରି ଯାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଲାଗି ପନ୍ତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ୧୯ରୁ ୱିଲିଂଟନରେ ପ୍ରଥମ ଟେଷ୍ଟ ଖେଳାଯିବ। ତୃତୀୟ ଅନ ଅଫିସିଆଲ ଟେଷ୍ଟରୁ ପନ୍ତ୍ ବାଦ ପଡ଼ିବା ପରେ ଏବେ ପ୍ରଥମ ଟେଷ୍ଟରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ପ୍ରଥମ ଟେଷ୍ଟରେ ଖେଳିବା ନେଇ ଆଶଙ୍କା

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ



ଜଳେଶ୍ୱର,୧/୧୧-ଭୂପତି ପରିଡ଼ା): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଲୋକ୍କାୟିତ ପ୍ରତିଭା ବିକାଶ ର ଅନନ୍ୟ ମାଧ୍ୟମ 'ସୁରଭି '। ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଶକ୍ତିର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ବିକଶିତ ଭାରତ ସମ୍ଭବ ବୋଲି ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅବସରରେ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାଲିନା ସମ୍ମିଳନୀ କକ୍ଷରେ ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି 'ସୁରଭି' କୁନି କୁନି ଛାତ୍ରଛାତ୍ରୀଙ୍କ ଲୋକ୍କାୟିତ ପ୍ରତିଭା ଅନ୍ୱେଷଣର ଅନନ୍ୟ ମାଧ୍ୟମ ବୋଲି ମତବ୍ୟକ୍ତ କରୁଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଖାଲିନା ସରପଞ୍ଚ ମିନତୀ ପାତ୍ର, ସମିତି ସଭ୍ୟା ସସ୍ମିତା ଦତ୍ତ, ୧୦ ନୟର ଜୋନ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ସୁଶାନ୍ତ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଜଳେଶ୍ୱର ପୌର ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ।ଶିକ୍ଷକ ତଥା ଓଷ୍ଟା ବ୍ଲକ ସଭାପତି ସୁକୁମାର ମିଶ୍ର ଓ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ଆବାହନ କରିଥିଲେ।ବିଦ୍ୟାଳୟର ଛାତ୍ରୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୁରୁ ଦେବବ୍ରତ ଦାସ ଓ ଦେବଜ୍ୟୋତି ପଣ୍ଡାଙ୍କ ସଂଚାଳନରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନ୍ଦର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୩ ଘଟିକାରେ ବିଆରସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ବୁଦ୍ଧଦେବ ଦେ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗଠନ ମୂଳକ ଓ ଉପଯୋଗୀ ଅଭିଭାଷଣ ପ୍ରଦାନ କରିଥିଲେ।ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରା ଯାଇଥିଲା।ଆଞ୍ଚଳିକ ସାଧନ କେନ୍ଦ୍ର ନାମ୍ପୋର ସଂଯୋଜକ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ପରେ ସଭା ସାଙ୍ଗ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ୟାମସୁନ୍ଦର ଦେ, ରାଜେନ୍ଦ୍ର ନାୟକ, ହରେକୃଷ୍ଣ ଜେନା, ହର ମୋହନ ମହନ୍ତ, ବୁଦ୍ଧଦେବ ଜେନା, ସୁବ୍ରତ ସେନାପତି, ସଂଜୀବ ଜେନା, ହରେନ୍ଦ୍ର ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ।

ସୂର୍ଯ୍ୟକୁମାରଙ୍କୁ ପଛରେ ପକାଇଲେ ଇଶାନ





ହାମିଲଟନ, ୦୨/୧୧ : ଭାରତୀୟ ୱିକେଟରକ୍ଷକ ବ୍ୟାଟ୍‌ସମ୍ୟାନ ଇଶାନ କିଷନ ଟି୨୦ରେ ନୂତନ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଇଶାନ ଚଳିତ ୨୦୨୬ କ୍ୟାଲେଣ୍ଡର ବର୍ଷରେ ଟି୨୦ରେ ୧୨୨୦ରନ କରି ସୂଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ଦେଇଛନ୍ତି। ଇଶାନ ଭାରତୀୟ ଭାବେ ଟି୨୦ରେ ଏକ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଉକ୍ତ କୀର୍ତ୍ତିମାନ ସୂର୍ଯ୍ୟକୁମାର ଯାଦବଙ୍କ ନାମରେ ଥିଲା। ସୂର୍ଯ୍ୟକୁମାର ୨୦୨୨ରେ ୧୧୬୪ରନ କରିଥିଲେ। ଯାହା ଭାରତୀୟ ଭାବେ ଟି୨୦ରେ ଏକ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ବ୍ୟକ୍ତିଗତ ରନ ରହିଥିଲା। ହାମିଲଟନର ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଟି୨୦ରେ ଇଶାନ ୬୧ରନ କରିଥିଲେ। ଏହାଛଡ଼ା ୨୦୨୬ରେ ଅଭିଷେକ ଶର୍ମା ୧୧୫୩ ଓ ୨୦୨୫ରେ ୮୫୩ରନ ,ସଞ୍ଜୁ ସାମସନ ଚଳିତ ୨୦୨୬ରେ ୮୧୦ରନ କରିଛନ୍ତି।

ଆନ୍ତର୍ଜାତୀୟ ଧାନ ସମ୍ମିଳନୀରେ କଳା ଜିରା ଚାଉଳର ଚାହିଦା ଉପରେ ଗୁରୁତ୍ୱାରୋପ



ଜୟପୁର, ୦୨/୧୧ (ସମୀର ରଞ୍ଜନ ପାତ୍ର) ଦିଲ୍ଲୀଠାରେ ଅକ୍ଟୋବର ୨୩,୨୪ ଓ ୨୫ ତାରିଖରେ ଅନୁଷ୍ଠିତ ଭାରତ ଆନ୍ତର୍ଜାତୀୟ ଧାନ ସମ୍ମିଳନୀରେ କୋରାପୁଟ ଜିଲ୍ଲା ଜୟପୁରର ବିଶିଷ୍ଟ ବ୍ୟବସାୟୀ ଆକାଶ ମାଦୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସେ କଳା ଜିରା ଚାଉଳର ଉତ୍ପାଦନ ଓ ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ସମ୍ପର୍କରେ ନିଜର ମତ ରଖିଥିଲେ। ଆକାଶଙ୍କ କହିବା ଅନୁଯାୟୀ, ଅନ୍ତର୍ଜାତୀୟ ବଜାରରେ କଳା ଜିରା ଚାଉଳର ବେଶ୍ ଚାହିଦା ରହିଛି। ସାଧାରଣ ଚାଉଳ ତୁଳନାରେ ଏହାର ବଜାର ମୂଲ୍ୟ ପ୍ରାୟ ତିନିଗୁଣ ଅଧିକ। ଏଥିରେ ବିଭିନ୍ନ ପ୍ରକାରର ଭିଟାମିନ୍ ଓ ପୋଷକତତ୍ତ୍ୱ ରହିଥିବାରୁ ଏହାର ବାଣିଜ୍ୟିକ ଗୁରୁତ୍ୱ ମଧ୍ୟ ଅଧିକ। ବିଶେଷକରି କୋରାପୁଟ ଜିଲ୍ଲାରେ ଏହି ସତନ୍ତ୍ର କିସମର ଧାନ ଚାଷ କରାଯାଉଥିବା ବେଳେ ଏହାକୁ ଭାରତ ସରକାରଙ୍କ ମାନ୍ୟତା ମଧ୍ୟ ମିଳିଛି। ତେବେ ଏହି ଚାଉଳର ଅଧିକ ଚାହିଦା ଓ ଉଚ୍ଚ ବଜାର ମୂଲ୍ୟ ସତ୍ତ୍ୱେ ଦେଶର ଅଧିକ ସଂଖ୍ୟକ ଚାଷୀ ଏହାର ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ କଳା ଜିରା ଧାନ ଚାଷର ପ୍ରସାର, ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କୁ ଏହାର ଲାଭ ସମ୍ପର୍କରେ ସଚେତନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

କଣ୍ଟିଲୋ ପ୍ରିମିୟର ଲିଗ : ଏନପି ୟୁଥ କ୍ଲବ ଓ ବିକାଶ ୱାରିୟର୍ସ ବିଜୟୀ



କଣ୍ଟିଲୋ, ୨/୧୧(ଅକ୍ଷର ଓଡ଼ିଶା): କଣ୍ଟିଲୋ ସାଇ କୃପା କମିଟି ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ୫ମ ସଂସ୍କରଣ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୦ମ ଲିଗ ମ୍ୟାଚରେ ଏନ ପି ୟୁଥ କ୍ଲବ ଓ ୨ୟ ତଥା ୧୧ତମ ଲିଗ ମ୍ୟାଚ ରେ ବିକାଶ ୱାରିୟର୍ସ ବିଜୟ